୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.124 Bhubaneswar Thursday June 20 2024 | ୨୬ତମ ବର୍ଷ | ସଂଖ୍ୟା–୧୨୪ ଭୁବନେଶ୍ୱର, ଗୁରୁବାର, ଜୁନ ୨୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ରତ୍ନଭଣ୍ଡାର ଖୋଲାଯିବା ଘଟଣାରେ ନୂଆ ଟ୍ୱିଷ୍ଟ: ମନ୍ତ୍ରୀ କହିଲେ- ଖୋଲିବା ନେଇ ନିଷ୍ପତ୍ତି ହୋଇନି

ଭୁବନେଶ୍ୱର,୧୯।୬(ପି.ଏନ): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଆସନ୍ତା ୮ ତାରିଖରେ ଖୋଲାଯିବ ବୋଲି ମଧ୍ୟାହ୍ନ ସମୟରେ ଏଏସ୍‌ ?ଆଇର ଜଣେ ଅଧିକାରୀ କହିଥିଲେ। ଏହାକୁ ନେଇ ପୂରା ରାଜ୍ୟରେ ରତ୍ନଭଣ୍ଡାରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା।କିନ୍ତୁ ସନ୍ଧ୍ୟା ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ବୟାନ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କେବେ ରତ୍ନଭଣ୍ଡାର ଖୋଲାଯିବ, ସେନେଇ କୌଣସି ନିଷ୍ପତ୍ତି ହୋଇ ନଥିବା ଆଇନ ମନ୍ତ୍ରୀ କହିଛନ୍ତି।



## ୟୁଜିସି ନେଟ ପରୀକ୍ଷା ରଦ୍ଦ

ଭୁବନେଶ୍ୱର,୧୯।୬(ପି.ଏନ): ୟୁଜିସି ନେଟ ପରୀକ୍ଷା ରଦ୍ଦ। ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରେ ପଦକ୍ଷେପ। ବିଭିନ୍ନ ସହରରେ ହୋଇଥିଲା ୟୁଜିସି ନେଟ ପରୀକ୍ଷା। ପୁଣି ଥରେ ପରୀକ୍ଷା କରିବାକୁ ଶିକ୍ଷା ମନ୍ତ୍ରାଳୟ ନେଇଛି ନିଷ୍ପତ୍ତି। ପରୀକ୍ଷାରେ ସ୍ୱଚ୍ଛତା ନେଇ ସନ୍ଦେହ ପରେ ପରୀକ୍ଷା ରଦ୍ଦ ଲାଗି ନିଆଯାଇଛି ନିଷ୍ପତ୍ତି। ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ପରୀକ୍ଷାର ସ୍ୱଚ୍ଛତା ଉପରେ ସରକାର ସର୍ବଦା ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟରର ତଥ୍ୟ ଅନୁସାରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ସେଣ୍ଟର କେନ୍ଦ୍ର ଗୃହ ବ୍ୟାପାର ମନ୍ତ୍ରାଳୟ ଅଧୀନରେ ରହିଥିବାବେଳେ ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗରେ କିଛି ସୂଚନା ଦେଇଥିଲା।

## ପ୍ରଥମଥର ପାଇଁ ନବୀନ ବିରୋଧୀ ଦଳ ନେତା, ପ୍ରସନ୍ନ ଉପ ନେତା

ଭୁବନେଶ୍ୱର,୧୯।୬ଓଡିଶାକୁ ଦୀର୍ଘ ୨୪ ବର୍ଷ ଧରି ଶାସନ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି କ୍ଷମତାଚ୍ୟୁତ ହେବା ପରେ ଆଜି ବିରୋଧୀ ଦଳ ନେତା ବାଛିବାକୁ ବୈଠକ କରିଥିଲା।ବୈଠକରେ ନବନିର୍ବାଚିତ ୫୧ ଜଣ ବିଜେଡି ବିଧାୟକ ଓ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ। ଶଙ୍ଖଭବନରେ ଆୟୋଜିତ ବୈଠକରେ ଦଳୀୟ ବିଧାୟକମାନେ ନବୀନଙ୍କୁ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରିଛନ୍ତି।



## ପ୍ରେସର ବୋମା ବିସ୍ଫୋରଣରେ ବୃଦ୍ଧା ଗୁରୁତର

ମାଲକାନଗିରି,୧୯।୬(ପି.ଏନ): ନକ୍ସଲ ଦ୍ୱାରା ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରାଯାଇ ଜଂଗଲରେ ଲ୍ୟାଣ୍ଡମାଇନ ଓ ପ୍ରେସର ବୋମା ଖଞ୍ଜାଯାଉଥିବା ବେଳେ ଏହାର ଶିକାର ହେଉଛନ୍ତି ସାଧାରଣ ଜନତା। ଆଜି ସକାଳେ ବିଜାପୁର ଜିଲ୍ଲାର ଉସୁରର ଥାନା ଅଂଚଳର ନୁଡୁପୁଲି ଗ୍ରାମର ଜଣେ ୬୦ ବର୍ଷିଆ ବୃଦ୍ଧା ଜଂଗଲକୁ ଟୋଲ (ମହୁଲ ଫଳ) ଗୋଟାଇବାକୁ ଯାଇଥିବା ବେଳେ ପ୍ରେସର ବୋମା ବିସ୍ଫୋରଣ ହେବା ଫଳରେ ବୃଦ୍ଧା ଜଣକ ଗୁରୁତର ଆହତ ହୋଇଥିଲେ। ବୃଦ୍ଧା ଜଣକ ହେଲେ ନୁଡୁପାଲି ଗ୍ରାମର ଯୋଗୀ ଟାଙ୍ଗୁ। ବୃଦ୍ଧାଙ୍କ ବାମ ଗୋଡ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତୁରନ୍ତ ତାଂକୁ ପ୍ରଥମେ ଉସୁର ମେଡିକାଲକୁ ନୋବ ପରେ ଗୁରୁତର ହେବାରୁ ବିଜାପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରେସର ବୋମାରେ କେବଳ ସୁରକ୍ଷାକର୍ମୀ ନୁହଁନ୍ତି। ବରଂ ସାଧାରଣ ଜନତା ମଧ୍ୟ ଆହତ ସହ ମୃତ୍ୟୁ ହେଉଛି। ପୁଲିସ ଓ ନକ୍ସଲ ମଧ୍ୟରେ ଚାଲିଥିବା ଛାୟା ଯୁଦ୍ଧରେ କେବଳ ନୀରିହ ଜନତା ହିଁ ବଳି ପଡୁଥିବା କୁହାଯାଇଛି। ଗତ ୫ ମାସ ମଧ୍ୟରେ ପ୍ରେସର ବୋମାର ଶିକାର ହୋଇଛନ୍ତି ୮ ଜଣ ଗ୍ରାମବାସୀ। ଏମାନଙ୍କ ମଧ୍ୟରୁ ୪ ଜଣଙ୍କର ମୃତ୍ୟୁ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

## ଚାଲିଛି ଟିକାକରଣ, ଡିପ୍‌ଥେରିଆ ସଂକ୍ରମଣ ପଛର କାରଣ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୧୯।୬(ପି.ଏନ): ରାୟଗଡ଼ା ପରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ମାଡ଼ିଥିବା ଡେପଥେରିଆକୁ ରୋକିବାକୁ ଉଦ୍ୟମ ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। ଏଥିସହ ସଂକ୍ରମଣର କାରଣ ଖୋଜିବାକୁ ମଧ୍ୟ ଚେଷ୍ଟା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୩ ଜିଲ୍ଲାରେ ୨୧ ଜଣ ଡିପଥେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ୫ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଜଣେ ଗୁରୁତର ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ରାୟଗଡାରୁ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ବନ୍ଧୁଗାଁରୁ ଜଣେ, କଳାହାଣ୍ଡିରୁ ୪ରୁ ୫ ଜଣ ସନ୍ଦିଗ୍ଧ ଡିପ୍‌ ?ଥେରିଆ ଚିହ୍ନଟ ହୋଇଛନ୍ତି।ଧୀରେଧୀରେ ସଂକ୍ରମଣ ବ୍ୟାପୁଥିବାରୁ ଆଜିଠାରୁ ରାୟଗଡ଼ା କାଶୀପୁର ବ୍ଲକରେ ଆରମ୍ଭ ହୋଇଛି ଡିପଥେରିଆ ବୁଷ୍ଟର ଡୋଜ ଟିକାକରଣ। ମୁନୁଷପଦର ସମେତ ଅନ୍ୟ ୫ଟି ଗାଁରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ ଟିକାକରଣ କରୁଛି। ଆଠି ଡିପଥେରିଆ ଟିକା ନେଇ ନଥିବା ଶିଶୁଙ୍କୁ ଚିହ୍ନଟ କରାଯାଇ ଟିକା ଦିଆଯିବା ସହ ଅନ୍ୟ ବର୍ଗ ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଉଛି।

## ଟ୍ରକ ଧକ୍କାରେ ଚାଲିଗଲା ବାଇକ ଚାଳକଙ୍କ ଜୀବନ, ୩ ଘଣ୍ଟା ରାସ୍ତା ବନ୍ଦ କରି ଦେଲେ ଲୋକେ

ଭୁବନେଶ୍ୱର,୧୯।୬(ପିଏନ):କେନ୍ଦୁଝରରେ ଗୋଟିଏ ଟ୍ରକ ଧକ୍କାରେ ଜଣେ ବାଇକ୍‌ ଆରୋହୀଙ୍କ ମୃତ୍ୟୁ ହୋଇଛି। ଆଜି ଦିନ ପ୍ରାୟ ୯ଟା ସମୟରେ କାଳସୁଇ ଗାଁର ନରେନ୍ଦ୍ର ମହାନ୍ତ କେନ୍ଦୁଝରରୁ କାମସାରି ବାଇକ୍‌ ଯୋଗେ ୨୦ ନମ୍ବର୍‌ ଜାତୀୟ ରାଜପଥରେ ଫେରୁଥିଲେ। ଏହି ସମୟରେ ଧୃପଦା ଓଭର ବ୍ରିଜ ନିକଟରେ ଗୋଟିଏ ଟ୍ରକ୍‌ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ନରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତ ?ଜନା ପ୍ରକାଶ ପାଇଥିଲା। ଲୋକମାନେ ରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ହମ୍ପସ ନିର୍ମାଣ ଓ ସିସିଟିଭି କ୍ୟାମେରା ଲଗାଇବା ସହ ଟ୍ରାଫିକ ପୁଲିସ ମୁତୟନ ଦାବିରେ ସେମାନେ ମୃତଦେହକୁ ରାସ୍ତା ଉପରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲୋକଙ୍କ ବିକ୍ଷୋଭ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା।



### କାଳିଆ ଯୋଜନାକୁ ନେଇ ପ୍ରତିକ୍ରିୟା ରଖିଲେ କୃଷିମନ୍ତ୍ରୀ, କହିଲେ 'ଅପେକ୍ଷା କରନ୍ତୁ'

ଭୁବନେଶ୍ୱର,୧୯।୬(ପି.ଏନ): କାଳିଆ ଯୋଜନାକୁ ନେଇ ପ୍ରତିକ୍ରିୟା ରଖିଲେ କୃଷିମନ୍ତ୍ରୀ। କହିଲେ କାଳିଆ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ଚାଲୁ ରହିବ କି ନାହିଁ ପ୍ରଶ୍ନର ଉତ୍ତର ରଖିଲେ କେ.ଭି ସିଂହଦେଓ। ଉତ୍ତରରେ କୃଷିମନ୍ତ୍ରୀ କହିଲେ ଅପେକ୍ଷା କରନ୍ତୁ। ପିଏମ କିଷାନ ଯୋଜନାରେ ଟଙ୍କା ପଠାଇଛି କେନ୍ଦ୍ର। ଚାଷୀଙ୍କ ଖାତାକୁ ଯାଇଛି ପିଏମ କିଷାନ କିସ୍ତି ଯୋଜନା।

### କାରକୁ ଧକ୍କା ଦେଇ ବ୍ରିଜ୍‌ ତଳକୁ ଖସିଲା ଟ୍ରକ୍‌, ଜଣେ ମୃତ, ୪ ଗୁରୁତର

କଟକ୧୯।୬(ପି.ଏନ): ତ୍ରିଶୁଳିଆ କୁଆଖାଇ ନଦୀ ପୋଲ ଉପରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି। କାରକୁ ଧକ୍କା ଦେଇ ବ୍ରିଜରୁ ତଳକୁ ଖସିଯାଇଛି ଟ୍ରକ୍‌। ଏହି ଦୁର୍ଘଟଣାରେ ଜଣେ ମୃତ ଓ ୪ ଜଣ ଗୁରୁତର ଥିବା ଜଣାପଡିଛି। ତେବେ ୪ ଗୁରୁତରଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।ସୂଚନାରୁ ପ୍ରକାଶ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାରରେ ସିରିଏଲ ସୁଟିଂ ସାରି କିଛି ଲୋକ ଘରକୁ ଫେରୁଥିବା ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍‌ ସହ କାରଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଟ୍ରକଟି ବ୍ରିଜ୍‌ ତଳକୁ ଖସି ପଡିଥିଲା। ଖବର ପାଇ ଘଟଣା ସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରେ କାର ଡ୍ରାଇଭର, ଟ୍ରକ୍‌ ଡ୍ରାଇଭରଙ୍କ ସମେତ ଦୁଇଜଣ ମହିଳା ଥିବା ଜଣାପଡିଛି।

## ସାର୍ବଜନୀନ ହେବ ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ

ପୁରୀ, ୧୯।୯(ପି.ଏନ): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ଆଉ ଏକ ବଡ ଖବର ସାମ୍ନାକୁ ଆସିଛି। ଜୁଲାଇ ୮ରେ ରତ୍ନଭଣ୍ଡାର ଖୋଲାଯିବାକୁ ଥିବା ବେଳେ ଏବେ ଚାବି ହଜିବା ଘଟଣାର ରିପୋର୍ଟ ସାର୍ବଜନୀନ ହେବ ବୋଲି ନିଷ୍ପତ୍ତି ହୋଇଛି।ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ତଦନ୍ତ ଜଷ୍ଟିସ ରଘୁବୀର ଦାସ କମିଶନ କରିଥିଲେ। ଏହି ରିପୋର୍ଟ ଏବେ ସାର୍ବଜନୀନ ହେବ। ଏନେଇ ହାଇକୋର୍ଟଙ୍କୁ ଆଜି ଅବଗତ କରାଇଛନ୍ତି ରାଜ୍ୟ ସରକାର। ଆଗାମୀ କ୍ୟାବିନେଟ ବୈଠକରେ ରିପୋର୍ଟ ଉପସ୍ଥାପନ ହେବ ବୋଲି ଜଣାପଡିଛି। ସେହିପରି ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଜନନାୟକ ରାହୁଲ ଗାନ୍ଧୀଙ୍କର ଜନ୍ମ ଦିବସ ପାଳନ ଅବସରରେ ପ୍ରଦେଶ ଯୁବ କଂଗ୍ରେସ ତରଫରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୧୯।୬) ରିଖ : ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଣଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଜନନାୟକ ରାହୁଲ ଗାନ୍ଧୀଙ୍କ ୫୪ ତମ ଜନ୍ମ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସମୁଦାୟ ୮୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ପରିପ୍ରେକ୍ଷିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଣଜିତ ପାତ୍ର କହିଛନ୍ତି ଯେ, ସମ୍ବିଧାନ ଏବଂ ଗଣତନ୍ତ୍ର ସୁରକ୍ଷା ଉତ୍ପିଡ଼ିତ, ଉପେକ୍ଷିତ, ଅତ୍ୟାଚାରିତ ଓ ଅବହେଳିତ ଜନତାର ନିର୍ଭ'ର ସ୍ୱର ସମ୍ମାନୀୟ ରାହୁଲ ଗାନ୍ଧୀଙ୍କ ଜନ୍ମଦିନରେ ଆମେ ସଂକଳ୍ପ ନେଉଛୁ ଯେ ଏ ରାଷ୍ଟ୍ରର ମଙ୍ଗଳ ପାଇଁ, ଅଖଣ୍ଡତା ପାଇଁ, ବେକାର ଯୁବକ ଯୁବତୀ, ଅସହାୟା ମହିଳା ଓ ସମାଜରେ ଉପେକ୍ଷିତ ବର୍ଗ ପାଇଁ ଆମେ ଜୀବନର ଶେଷ ରକ୍ତବିନ୍ଦୁର ସଂଗ୍ରାମ କରିବୁ। ରାହୁଲ ଗାନ୍ଧୀ ସାଧାରଣ ଜନତାଙ୍କ ପାଇଁ ନିଜ ଜୀବନକୁ ନିବେଦିତ କରିଛନ୍ତି। ତାଙ୍କର ସମସ୍ତ କାର୍ଯ୍ୟକ୍ରମ, ସ୍ୱର, ସଂଗ୍ରାମ, ଉଦ୍ୟମ ଓ ଆବେଗ ରାଷ୍ଟ୍ରର ମଙ୍ଗଳ ପାଇଁ ଉଦ୍ଦିଷ୍ଟ।

## ପାରାଦ୍ୱୀପ ବନ୍ଦରର ହରିତ ଉଦଜାନ ବର୍ଥ ପ୍ରକଳ୍ପ ପରିଦର୍ଶନ କଲେ ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳ



ପାରାଦୀପ,୧୯।୬(ପି.ଏନ): ଆନ୍ତର୍ଯ୍ୟାତୀୟ ବରିଷ୍ଠ ସାମୁଦ୍ରିକ ବିଶେଷଜ୍ଞ ଡ଼଼.ଏନ୍ନାରସୁ କରୁନେସାନ ଓ ବରିଷ୍ଠ ଉର୍ଜା ବିଶେଷଜ୍ଞ କୁମାରୀ ସୁରଭି ଗୋୟଲ ଙ୍କୁ ନେଇ ଗଠିତ ଏକ ବିଶ୍ୱ ବ୍ୟାଙ୍କ ଦଳ ବୁଧବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପରିଦର୍ଶନ କରି ଏହାର ହରିତ ଉଦଜାନ ପ୍ରକଳ୍ପ (ଗ୍ରୀନ ହାଇଡ୍ରୋଜେନ ପ୍ରୋଜେକ୍ଟ) ପରିଦର୍ଶନ କରି ଏହାର ସମୀକ୍ଷା କରିଛନ୍ତି କ୍ଷ ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣର ସମସ୍ତ ହିତାଧିକାରୀ ଓ ବନ୍ଦର ମୁଖ୍ୟ ଅଧିକାରୀ ଙ୍କ ସହ ଏହି ବିଶ୍ୱ ବ୍ୟାଙ୍କ ପ୍ରତିନିଧି ମାନଙ୍କ ସହ ଆଲୋଚନା କରାଯାଇଥିଲା କ୍ଷ ବନ୍ଦର ଟ୍ରାଫିକ ବିଭାଗ ଉପଦେଷ୍ଟା ଏ.କେ.ବୋଷ ପାରାଦୀପ ବନ୍ଦରରେ ଉପଲବ୍ଧ ସୁବିଧା ତଥା ହରିତ ଉଦଜାନ ବର୍ଥ, ଉପକୂଳ ଅକ୍ଷୟ ଶକ୍ତି ଏବଂ ସବୁଜ ଶକ୍ତିର ଅଂଶୀଦାର ବିଷୟରେ ବିଶ୍ୱ ବ୍ୟାଙ୍କ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ।

## ବିଡିଓଙ୍କ ବାସଭବନରୁ ୬ ମାସରେ ହେଲାଣି ୪ଥର ଚୋରି

ଭୁବନେଶ୍ୱର,୧୯।୬ (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବିଡିଓଙ୍କ ସରକାରୀ ବାମସଭବନରୁ ୬ ମାସରେ ୪ଥର ଚୋରି ଅଭିଯୋଗ ହୋଇଛି। ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ କଲମ ଛାଡ଼ ଆନ୍ଦୋଳନ କରୁଛନ୍ତି ବ୍ଲକ କର୍ମଚାରୀ। ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଫଳରେ ହଇରାଣ ହେଉଛନ୍ତି ଜରୁରୀ କାମ ପାଇଁ ଆସୁଥିବା ଲୋକ।ଚୋରି ନେଇ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡ଼ା ବାରମ୍ବାର ପୁଲିସରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଏଯାଏ ପୁଲିସ ହାତ ଖାଲି। ଅଭିଯୁକ୍ତଙ୍କୁ ଧରି ପାରିନି ପୁଲିସ। ପ୍ରତିବାଦରେ ପଞ୍ଚାୟତ ଓ ବ୍ଲକ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ଯାଏଁ କଲମ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ଅଭିଯୋଗ ପରେ ପୁଲିସର ପତିକ୍ରିୟା ମିଳିପାରି ନାହିଁ।




## ବାଚସ୍ପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କଲେ ସୁରମା ପାଢ଼ୀ

ଭୁବନେଶ୍ୱର,୧୯।୬(ପି.ଏନ): ବିଧାନସଭାରେ ଶେଷ ହୋଇଛି ବିଧାୟକ ଦଳ ବୈଠକ। ଏହି ବୈଠକ ପରେ ବିଜେପି ବାଚସ୍ପତି ପଦ ପାଇଁ ରଣପୁର ବିଧାୟିକା ସୁରମା ପାଢ଼ୀଙ୍କ ନାମ ଘୋଷଣା କରିଛି। ବାଚସ୍ପତି ପଦ ପାଇଁ ନାମ ଘୋଷଣା ହେବା ପରେ ନାମାଙ୍କର ଦାଖଲ କରିଛନ୍ତି ସୁରମା ପାଢ଼ୀ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ୨ ଉପ ମୁଖ୍ୟମନ୍ତ୍ରୀ ଏବଂ ବିଜେପିର ଅନ୍ୟ ବିଧାୟକଙ୍କ ଉପସ୍ଥିତିରେ ନାମାଙ୍କନ ଭରିଛନ୍ତି ସୁରମା ପାଢ଼ୀ। ଆଜି ବାଚସ୍ପତି ପ୍ରାର୍ଥୀ ପାଇଁ ବିଜେପିର ବିଧାୟକ ଦଳ ବୈଠକ ବସିଥିଲା। ତେବେ ଦୀର୍ଘ ସମୟ ଧରି ବାଚସ୍ପତି ପ୍ରାର୍ଥୀ କାହାକୁ କରାଯିବ ସେନେଇ ମାନସ ମନ୍ଥନ ଚାଲିଥିଲା। ଏହି ବୈଠକରେ ସର୍ବସମ୍ମତି କ୍ରମେ ସୁରମା ପାଢୀଙ୍କ ନାଁରେ ମୋହର ବାଜିଛି। ବିଧାନସଭାରେ ବିଜେପିର ଆବଶ୍ୟକୀୟ ସଂଖ୍ୟା ଥିବାରୁ ସୁରମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ସେହିଭଳି ବିରୋଧୀ ଦଳ ଏଯାଏଁ କାହାକୁ ବାଚସ୍ପତି ପ୍ରାର୍ଥୀ ଭାବେ ମୈଦାନକୁ ଓହ୍ଲାଇନାହିଁ। ଏହା ପୂର୍ବରୁ ବିଜେଡି-ବିଜେପି ମେଣ୍ଟ ସରକାରରେ ସୁରମା ପାଢୀ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଧାନସଭା ପରିଚାଳନା ସମ୍ବନ୍ଧରେ ସୁରମାଙ୍କର ଯଥେଷ୍ଟ ଅନୁଭବ ରହିଛି। ବରିଷ୍ଠତା ଓ ଅନୁଭବ ଦୃଷ୍ଟିରୁ ସୁରମାଙ୍କୁ ବିଜେପି ବାଚସ୍ପତି ପ୍ରାର୍ଥୀ କରିଛି। ଅନ୍ୟପଟେ ବିଜେପି ସୁରମାଙ୍କୁ ବାଚସ୍ପତି ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ନିର୍ଦ୍ଧାରିତ ସମୟ ଦିନ ୧୨ଟା ପରେ ଅନ୍ୟ କେହି ପ୍ରତିଦ୍ୱନ୍ଦୀ ବାଚସ୍ପତି ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିନାହାଁନ୍ତି। ତେଣୁ କେହି ପ୍ରତିଦ୍ୱନ୍ଦୀ ନଥିବାରୁ ସୁରମା ପାଢ଼ୀ ଏକ ପ୍ରକାର ବାଚସ୍ପତି ହେବା ସୁନିଶ୍ଚିତ କେବଳ ଘୋଷଣା ହେବା ବାକି ରହିଛି ବୋଲି କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମାହାଲିଙ୍ଗ।



## ବର୍ଷାର ଦେଖା ନାହିଁ, ଚାଷୀକୂଳ ହତାସ

ଧର୍ମଶାଳା,୧୯।୬(ପିଏନ୍): ଜୁନ ମାସ ତୃତୀୟ ସପ୍ତାହ ଚାଲିଥିବା ବେଳେ ଆକାଶରୁ ବର୍ଷା ଉଭାନ ହୋଇଯାଇଛି। ଚଳିତଥର ଠିକ ସମୟରେ ମୌସମୀ ଆସିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। କିଁ ଏହି ଆକଳନ ସମ୍ପୂର୍ଣ୍ଣ ଫେଲ ମାରିଛି। ପ୍ରବଳ ଖରା ସାଙ୍ଗକୁ ତତଲା ନିଆରେ ତାତୁଛି ସମଗ୍ର ଅଂଚଳର। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁ ଗୁଳିରେ ଲୋକେ ଆଉଟି ପାଉଟି ହେଉଛନ୍ତି। ଏଭଳିସ୍ଥଳେ ବିଦ୍ୟୁତ ଲୋଭୋଲଟେଜ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ବିଳମ୍ବ ମୌସମୀ ଯୋଗୁଁ ଚଳିତ ବର୍ଷ ଧାନ ଚାଷ ବିଳମ୍ବ ହେବା ନେଇ ଆଶଙ୍କା କରାଯାଇଛି। ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ୧୧ ହଜାର ୧୨୦ ହେକ୍ଟର ଜମିରେ ଧାନ ଚାଷ କରିବାକୁ କୃଷି ବିଭାଗ ପକ୍ଷରୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଏଥି ମଧ୍ୟରୁ ୧୨ ଶହ ହେକ୍ଟର ଜମିରେ ବିଓଲି ଧାନ କରାଯାଇଛି। ଏବେ ବର୍ଷା ନହେବା ଯୋଗୁଁ ବିଓଲି ଧାନ ମରୁଡି ହେବାର ଆଶଙ୍କା ଦେଖା ଦେଇଛି। ତେବେ ୨ରୁ ୩ ଦିନ ମଧ୍ୟରେ ବର୍ଷା ନହେଲେ ଧର୍ମଶାଳା ବ୍ଲକରେ ହୋଇଥିବା ବିଓଲି ଧାନ ମରୁଡିରେ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଆକଳନ କରିଛନ୍ତି। ଅନ୍ୟପଟେ ସାରଦ ଧାନ ପାଇଁ ହାରହାରି ୫୦ ଭାଗ ଜମି ପ୍ରସ୍ତୁତ ହୋଇ ରହିଥିବା ବେଳେ ବର୍ଷା ଅଭାବରୁ ଜମି ଗୁଡିକରେ ଧାନ ନବୁଣାହୋଇ ପଡିରହିଛି। ସାଧାରଣତଃ ପ୍ରତ୍ୟେକ ବର୍ଷ ଜୁନ ମାସର ପ୍ରଥମ ସପ୍ତାହରେ ଓଡିଶାକୁ ମୌସମୀ ଆସିଯାଇଥାଏ। ଯାହା ଫଳରେ ଚାଷୀମାନେ ନିଜ ବିଲରେ ଧାନ ବୁଣି ଦେଇଥାନ୍ତି। ହେଲେ ଚଳିତଥର ବିଳମ୍ବ ମୌସମୀ ଯୋଗୁ ଧାନ ଚାଷ ବାଧାପ୍ରାପ୍ତ ହୋଇଛି। ଏଥି ଯୋଗୁଁ ଚଳିତ ବର୍ଷ ଧାନ ଅମଳ ପ୍ରଭାବିତ ହେବା ନେଇ ବସ' ପରିଡା, ନେତ୍ରାନନ୍ଦ ଦାସ, ଲୋକନାଥ ପଲେଇ, ନିତ୍ୟାନନ୍ଦ ଦାସ, ଜଗବନ୍ଧୁ ସାହୁ, ବିଦ୍ୟାଧର ପରିଡା, ନନ୍ଦ କିଶୋର ଦାସ ପ୍ରମୁଖ ଚାଷୀ ଅନୁମାନ କରିଛନ୍ତି।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଟିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ




ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମା ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନିତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁନ ୨୦

# ଆମ ଭାଷା- ଆମ ସମ୍ପଦ



ହିମାଂଶୁ ଶେଖର ଆଚାର୍ଯ୍ୟ

'ମାତୃଭୂମି ମାତୃଭାଷାରେ ମମତା ଯାହୃଦେ ଜନମି ନାହିଁ, ତାଙ୍କୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ'। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଏହି ପଂକ୍ତି ତନୁ ମନରେ ଶିହରଣ ଆଣେ। ମାତୃଭାଷା ପ୍ରତି ମମତା ଜଗାଏ। କୁହାଯାଏ ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସମ୍ପର୍କ ରହିଛି । ଖାଲି ସେତିକି ନୁହେଁ ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ଉନ୍ନତ। ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ। ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ତେଣୁ ମାତୃଭୂମି ପରି ଓଡିଆ ଭାଷା ମଧ୍ୟ ବନ୍ଦନୀୟା। ଅନ୍ୟ ଅର୍ଥରେ କହିଲେ ଓଡିଶାର ସ୍ୱାଭିମାନ-ଓଡିଆ ଭାଷା। ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁକାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା। ସେହିପରି ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ରାଜ୍ୟ ସରକାର ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୁପେ ପାଳନ କରୁଛନ୍ତି। ଇତି ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ପାଇବା ୧୧ ବର୍ଷରେ ପହଂଚିଛି । ଏହି ସମୟ ମଧ୍ୟରେ ଆମ ଭାଷାର ସ୍ଥିତି ଓ ପ୍ରଗତି କେତେ ଦୂର ଆଗେଇଛି ତାହା ସମୀକ୍ଷା କରିବାର ସମୟ ଆସିଛି । ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ ନୁହେଁ । ଏଥିପାଇଁ ଆମକୁ ମାନସିକ ସ୍ତରରେ ହୀନମନ୍ୟତା ପରିହାର କରିବାକୁ ପଡିବ ।ସେଇଥିପାଇଁ ଆବେଗଭରା କଣ୍ଠରେ ବ୍ୟାସକବି ଫକୀର ମୋହନ କହିଥିଲେ - "ଭାଷା ଯେ ଜୀବନୀ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର" । ଆଶ୍ଚର୍ଯ୍ୟର କଥା ପ୍ରତ୍ୟକ ଜାତି ନିଜ ମାତୃଭାଷାକୁ ପ୍ରଧାନ୍ୟ ଦେଉଥିବା ବେଳେ ଆମେ ହେଉଛୁ ଏକ ବ୍ୟତିକ୍ରମ। ତେଣୁ ଆମେ ଆମ ମାତୃଭାଷା ଅପେକ୍ଷା ଖଣ୍ଡି କୁହା ଇଂରାଜୀ ଓ ହିନ୍ଦୀ କହିବାକୁ ଗର୍ବ ଅନୁଭବକରୁ। ଆମେ ମନେରଖିବା ଉଚିତ୍ ମାତୃଭୂମି ଓ ମାତୃଭାଷା ଉଭୟ ବନ୍ଦନୀୟା। ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା - ଚୀନ, ସ୍ପେନିଶ୍,ଇଂରାଜୀ, ହିନ୍ଦି,ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୮ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଖାଲି ସେତିକି ନୁହେଁ ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ? ଏହା ଅନସ୍ୱୀକାର୍ଯ୍ୟ ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ନିକଟରେ ଭୁବନେଶ୍ୱରରେ ତିନିଦିନ ଧରି ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ହୋଇଯାଇଛି । ରାଜ୍ୟସ୍ତରରୁ ଜିଲ୍ଲାସ୍ତର ପଞ୍ଚାୟତସ୍ତର ଏପରିକି ବିଦ୍ୟାଳୟ ମହାବିଦ୍ୟାଳୟମାନଙ୍କରେ ଭାଷା ଉପରେ ଅନେକ ଆଲୋଚନ ।କରାଯାଇଛି । ଏହା କେତେଦୂର ସଫଳ ହେବ ତାହା ସମୟ କହିବ । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି । ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିବ ଏହା ଭବିବା ଭୁଲ୍। ଭାଷା ପ୍ରତି ଆମ ହୃଦୟରେ ମମତା ରହିଲେ ହିଁ ଏହା ବଞ୍ଚିବ। ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଲୋଡା। ଏବେ ଲକ୍ଷ୍ୟ କରାଯାଉଛି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡିଆ ଭାଷା ଅଧ୍ୟୟନ କରିବା ପାଇଁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। କେବଳ ସେତିକି ନୁହେଁ, ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନେ ତାଙ୍କ ପିଲାମାନଙ୍କୁ ଓଡିଆ ମାଧ୍ୟମ ସ୍କୁଲରେ ନପଢାଇ ଇଂରାଜୀ ମାଧ୍ୟମ ସ୍କୁଲରେ ପଢାଇବା ପାଇଁ ପ୍ରଥମିକତା ଦେଉଛନ୍ତି। ଅନ୍ୟ ବିଷୟ ତୁଳନାରେ ଓଡିଆ ଭାଷା ରଖିଥିବା ବିଦ୍ୟାର୍ଥୀ କମ୍ ନମ୍ବର ପାଆନ୍ତି। ଏପରିକି ଓଡିଆ ଭାଷାରେ ପଢୁଥିବା ବିଦ୍ୟାର୍ଥୀଙ୍କ ପାଇଁ ନିଯୁକ୍ତିର ସମ୍ଭାବନା କମ୍ ବୋଲି ଏକ ଧାରଣା ସୃଷ୍ଟି ହେଉଛି। ଏସବୁକୁ ମନରୁ ହଟାଇବାକୁ ହେବ।

*ସଭାପତି, ସାରସ୍ୱତ ପରିଷଦ,*
*ଜଗତସିଂହପୁର*
*ମୋ - ୯୯୩୭୧୫୧୦୫୨*

# ରାଜନୈତିକ ଅସ୍ଥିରତା ଦେଶପାଇଁ ଶୁଭଙ୍କରୀ ନୁହେଁ



ଉମାଶଙ୍କର ପ୍ରସାଦ

ରାଜନୈତିକ ଅସ୍ଥିରତା ଯେ କୌଣସି ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ଦେଶର ପ୍ରଗତି, ସଂହତି ଏବଂ ସମୃଦ୍ଧି କ୍ଷେତ୍ରରେ ଘୋର ଅନ୍ତରାୟ ସୃଷ୍ଟି କରିଥାଏ। କୌଣସି ଗୋଟିଏ ଦଳ ପକ୍ଷରେ ସ୍ପଷ୍ଟ ଜନମତର ଅଭାବ ଯୋଗୁ ରାଜନୈତିକ ଅସ୍ଥିରତା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୁଏ। ଏହି କାରଣରୁ ନିର୍ବାଚନ ପୂର୍ବବର୍ତ୍ତୀ ମେଣ୍ଟ ବା ପରିବର୍ତ୍ତନ ରାଜନୈତିକ ବୁଝାମଣା ଭିତ୍ତିରେ ସାଧାରଣ କାର୍ଯ୍ୟସୂଚୀକୁ ଗ୍ରହଣକରି, ମତବାଦ ଏବଂ ଆଦର୍ଶ ଦୃଷ୍ଟିରୁ ପରସ୍ପର ବିରୋଧୀ ଦଳଗୁଡିକ ମଧ୍ୟ ଗୋଟିଏ ମିଳିତ ସରକାର ଗଠନ କରନ୍ତି। ବିଭିନ୍ନ କାରଣରୁ ଏଭଳି ସରକାର ସ୍ଥିର ଶାସନ ଦେଇପାରେ ନାହିଁ ଏବଂ ସମ୍ବିଧାନ ଦ୍ୱାରା ନିର୍ଦ୍ଧାରିତ ଅବଧିର ବହୁପୂର୍ବରୁ ସରକାରର ପତନ ହୁଏ। ନୂତନ ନିର୍ବାଚନ ମାଧ୍ୟମରେ ପୁଣି ଗୋଟିଏ ସରକାର ଗଠନ କରିବା ପାଇଁ ଚେଷ୍ଟା କରାଯାଏ। କୌଣସି ଗୋଟିଏ ଦଳର ସଂଖ୍ୟା ଗରିଷ୍ଠତାର ଅଭାବରୁ ପୁଣି ମିଳିତ ସରକାର ଗଠନ ପାଇଁ ଦଳଗୁଡିକ ଆଗେଇ ଆସନ୍ତି ଏବଂ ଏହି ସରକାର ମଧ୍ୟ ବେଶୀ ଦିନ ତିଷ୍ଠି ପାରେନାହିଁ। ଏଭଳି ଭାବେ ସଂସଦୀୟ ଗଣତନ୍ତ୍ରରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥାଏ ଯାହା ଦେଶ ପାଇଁ ଶୁଭଙ୍କରୀ ନୁହେଁ।

ଆମେ ଯଦି ଅତିତର ପୃଷ୍ଠାକୁ ରୋମନ୍ଥନ କରିବା ତେବେ ସ୍ପଷ୍ଟ ଅନୁମେୟ ହେବ ଯେ ୧୯୬୭ ମସିହା ପର୍ଯ୍ୟନ୍ତ କଂଗ୍ରେସ ଦଳର ଅବିସମ୍ବାଦିତ ଆଧିପତ୍ୟ ଓ ପ୍ରାଧାନ୍ୟ ଥିଲା। କିନ୍ତୁ ଉକ୍ତ ବର୍ଷରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଚତୁର୍ଥ ସାଧାରଣ ନିର୍ବାଚନରେ କଂଗ୍ରେସ ତାହାର ଆଧିପତ୍ୟ ଜାହିର କରିଥିଲା। ପରବର୍ତ୍ତୀ ସମୟରେ ସଂସଦରେ କଂଗ୍ରେସର ସଭ୍ୟସଂଖ୍ୟା ପୂର୍ବରୁ ୩୬୧ ରୁ ୨୮୩ କୁ କମିଆସିଲା। ପ୍ରାୟ ଅର୍ଦ୍ଧାଧିକ ପ୍ରଦେଶରେ ମଧ୍ୟ କଂଗ୍ରେସ ତାର ଶାସନ କ୍ଷମତା ହରାଇ ବିରୋଧୀଦଳରେ ପରିଣତ ହେଲା। କେନ୍ଦ୍ରରେ କିନ୍ତୁ ବାମପନ୍ଥୀ ମାନଙ୍କର ସହଯୋଗରେ ଶ୍ରୀମତୀ ଇନ୍ଦିରା ଗାନ୍ଧି ସରକାର ଚଳାଇବା ପାଇଁ କ୍ଷମ ହେଲେ। ମାତ୍ର ଇନ୍ଦିରାଙ୍କ ପ୍ରତି ବରିଷ୍ଠ ନେତାମାନଙ୍କ ବିରୋଧ ଯୋଗୁ ୧୯୬୯ ମସିହାରେ କଂଗ୍ରେସରେ ପୁନର୍ବାର ସଙ୍କଟ ଦେଖାଦେବା ସହ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା ଯଥା- ଶାସକ ଦଳ ଏବଂ ସଂଗଠକ ଦଳ। ପ୍ରାୟ ୮୦ ଜଣ ସଦସ୍ୟ ଇନ୍ଦିରାଙ୍କ ଶାସକ ଦଳରୁ ଇସ୍ତଫା ଦେବାରୁ କଂଗ୍ରେସ ତାର ସଂଖ୍ୟା ଗରିଷ୍ଠତା ହରାଇ ସଂସଦରେ ତାର ସଭ୍ୟ ସଂଖ୍ୟା ୨୦୩ କୁ ଖସି ଆସିଲା। କିନ୍ତୁ ୧୯୭୧ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ ସଂସଦରେ ୩୫୨ ଟି ଆସନ ଲାଭ କରି ପୁନର୍ବାର ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସ ଅଭୁତପୂର୍ବ ସଂଖ୍ୟା ଗରିଷ୍ଠତା ଲାଭ କରିବା ଯୋଗୁ ଦେଶରୁ ରାଜନୈତିକ ଅସ୍ଥିରତା ଦୂରହୋଇଥିଲା। ଦେଶରେ ବଢୁଥିବା ଅନ୍ୟାୟ, ଅନୀତି, ଦୁର୍ନିତି ଏବଂ କୁଶାସନ ଓ ଏକଛତ୍ରବାଦ ଶାସନ ବିରୁଦ୍ଧରେ ଜୟପ୍ରକାଶ ନାରାୟଣ ଯେଉଁ ବିପ୍ଳବ ଆରମ୍ଭ କରିଥିଲେ ତାହାକୁ ସେ 'ସମ୍ପୂର୍ଣ୍ଣ ବିପ୍ଳବ' ର ଆଖ୍ୟା ଦେଇଥିଲେ। ବିହାର ଏବଂ ଗୁଜୁରାଟରେ ଏହି ବିପ୍ଳବ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ଏଥିରେ ବହୁସଂଖ୍ୟାରେ ଛାତ୍ର, ଯୁବକ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଠିକ୍ ଏହି ସମୟରେ ନିର୍ବାଚନରେ ବେନିୟମ କାର୍ଯ୍ୟ କରିଥିବା ଅଭିଯୋଗର ବିଚାର ହୋଇ ଆହ୍ଲାବାଦ ଉଚ୍ଚନ୍ୟାୟାଳୟ ଇନ୍ଦିରା ଗାନ୍ଧିଙ୍କ ବିରୁଦ୍ଧରେ ରାୟପ୍ରଦାନ କରିଥିଲେ। ଏହି ରାଜନୈତିକ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବା ପାଇଁ ଶ୍ରୀମତୀ ଗାନ୍ଧି ୧୯୭୫ ମସିହା ଜୁନ୍ ୨୬ ତାରିଖରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ସମ୍ବିଧାନ ଏବଂ ମୌଳିକ ଅଧିକାରକୁ ରଦ୍ଦ କରି ଦେଇଥିଲେ। ନିଜକୁ ଦେଶର ସର୍ବମୟ କର୍ତ୍ତୀଭାବରେ ନିଜକୁ ଅଧିଷ୍ଠିତ କଲେ। ରାଜନୈତିକ ପ୍ରତିପକ୍ଷ ମାନଙ୍କୁ ଜେଲରେ ଭର୍ତ୍ତି କରାଗଲା ଏବଂ ଅନ୍ୟ ଦଳୀୟ କର୍ମୀ , ବୁଦ୍ଧଜୀବୀ ଏବଂ ଯେଉଁମାନେ ଏହି ଏକଛତ୍ରବାଦ ଓ ଶୈରଚାରକୁ ବିରୋଧ କଲେ ସେମାନଙ୍କୁ ଭୟଙ୍କର ନିର୍ଯ୍ୟାତନା ଓ ଦଣ୍ଡ ଦିଆଗଲା , ଆଇନର ଶାସନ ଭୁଷୁଡି ଗଲା, ବନ୍ଧୁକ ମୁନରେ ଶାସନ ଚାଲିଲା। ଫଳରେ କଂଗ୍ରେସ ତାର ଲୋକପ୍ରିୟତା ହରାଇ ବସିଲା। ଯାହା ଆଜି ମୋଦିଙ୍କ ଶାସନ କାଳରେ ଚାଲିଛି। ଇନ୍ଦିରା ଗାନ୍ଧୀ ଏକଛତ୍ରବାଦ ଶାସନକୁ ଜନସାଧାରଣ ବିରୋଧ କରିଥିଲେ। ଫଳରେ ୧୯୭୭ ମସିହାରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ସମ୍ପୂର୍ଣ୍ଣ ଭାବରେ ପରାଜିତ ହେଲା। ଯାହା ଆଜି ନରେନ୍ଦ୍ର ମୋଦୀଙ୍କ ପକ୍ଷରେ ଘଟିଛି। ସେତେବେଳେ ରାଜନୈତିକ ଅସ୍ଥିରତା ର ସୂତ୍ରପାତ ହୋଇଥିଲା ଏବଁ ବର୍ତ୍ତମାନ ମଧ୍ୟ ମୋଦୀ ସରକାର ପୂର୍ଣ୍ଣ ବହୁମତ ହାସଲ ନକରିବା ଯୋଗୁ ରାଜନୈତିକ ଅସ୍ଥିରତାର ସୁତ୍ରପାତ ହୋଇଛି।

ସେତେବେଳେ ପାଂଚଗୋଟି ଦଳ ଯଥା:- ଜନସଂଘ, ସ୍ୱତନ୍ତ୍ର ପାର୍ଟି, ଭାରତୀୟ ଲୋକଦଳ, ସଂଗଠନ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିର ସହଯୋଗରେ ଗଠିତ ଜନତା ପାର୍ଟି ମୋରାର୍ଜି ଦେଶାଇଙ୍କ ନେତୃତ୍ୱରେ ସରକାର ଗଠନ କଲେ । ପରବର୍ତ୍ତୀ ସମୟରେ ୨୮ ସଭ୍ୟ ବିଶିଷ୍ଟ ଜଗତଜୀବନ ରାମଙ୍କ ଗଣତାନ୍ତ୍ରୀକ କଂଗ୍ରେସ ଦଳ ଜନତାଦଳରେ ଯୋଗ ଦେବାରୁ ଏହାର ସଂଖ୍ୟା ୨୯୩ ରେ ପରିଣତ ହୋଇଥିଲା। ଏହି ସରକାରକୁ 'ଜନତାପାର୍ଟି' ସରକାର କୁହାଗଲେ ମଧ୍ୟ ଏଥିରେ ସାମିଲ ହୋଇଥିବା ୬ ଗୋଟି ଦଳ ନିଜ ନିଜର ମତବାଦ, ଆଦର୍ଶ ଓ ଦଳୀୟ ସ୍ୱାର୍ଥ ଏବଂ ବଡିମାକୁ ଭୁଲିପାରିନଥିଲେ। ଏହି ମିଳିତ ସରକାରର ସମସ୍ତ ମନ୍ଦଗୁଣ, ତ୍ରୁଟି ବିଚ୍ୟୁତି ଏଥିରେ ପ୍ରଥମ ଦିନରୁହିଁ ପରିଲକ୍ଷିତ ହୋଇଥିଲା। ଏହିସବୁ କାରଣ ଯୋଗୁ ମାତ୍ର ତିନି ବର୍ଷ ମଧ୍ୟରେ ଏହି ସରକାରର ପତନ ଘଟିଥିଲା। ଏବଂ ୧୯୮୦ ମସିହାରେ ସପ୍ତମ ଲୋକସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା। ଏହାକୁ ଇତିହାସର ବିଡମ୍ବନା ବା ନିର୍ବାଚନ ରାଜନୀତିର ଯାଦୁଖେଳ ଯାହାକିଛି କୁହାଗଲେ ମଧ, ସେହି ନିର୍ବାଚନରେ ୧୯୭୭ ରେ ପରିତ୍ୟକ୍ତ, ପଦାଘାତ, ଲାଂଛିତ ଏବଂ ଅପମାନିତ ହୋଇଥିବା ଶ୍ରୀମତୀ ଗାନ୍ଧୀ ପୁଣି ଲୋକସଭାରେ ୩୯୩ ଆସନ ଲାଭକରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହିତ ସରକାର ଗଠନ କରିଥିଲେ। ଯାହା ନିର୍ବାଚନ ରାଜନୀତି କ୍ଷେତ୍ରରେ ଏକ ଐତିହାସିକ ଘଟଣା ଥିଲା। ପୁଣି ଇନ୍ଦିରା ଗାନ୍ଧିଙ୍କ ହତ୍ୟାପରେ କ୍ଷମତାକୁ ଆସିଥିବା ରାଜୀବ ଗାନ୍ଧିଙ୍କ ସମୟରେ ଦେଶରେ କିଛି ସମୟପାଇଁ ରାଜନୈତିକ ସ୍ଥିରତା ପ୍ରତିଷ୍ଠିତ ହୋଇ ପାରିଥିଲା। ସେ ୧୯୮୪ ମସିହାରେ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ନେତୃତ୍ୱ ନେଇ ଲୋକସଭାରେ କଂଗ୍ରେସ ପାଇଂ୪୧୫ ଗୋଟି ଆସନ ହାସଲ କରିବାରେ ସଫଳ ହୋଇଥିଲେ। କିନ୍ତୁ ୧୯୮୯ ମସିହା ପରଠାରୁ ଦେଶରେ କ୍ରମାଗତ ଭାବେ ରାଜନୈତିକ ଅସ୍ଥିରତା ଲାଗିରହିଛି। ନବେଦଶକର ପ୍ରଥମ ଭାଗରେ ପୁଣି ମିଳିତ ସରକାରର ଯୁଗ ଆରମ୍ଭ ହୋଇ ଯାଇଥିଲା। ସର୍ବପ୍ରଥମେ ଭି.ପି. ସିଂହଙ୍କର ୧୧ ମାସରେ ଓ ପରବର୍ତ୍ତୀ ଚନ୍ଦ୍ରଶେଖରଙ୍କ ସରକାର କ୍ଷମତାରେ କେବଳ ୪ ମାସ ରହି ଇସ୍ତଫା ଦେବାକୁ ବାଧ ହୋଇଥିଲେ। ପରବର୍ତ୍ତୀ ନିର୍ବାଚନ ୧୯୯୧ ମସିହାରେ ଅନୁଷ୍ଠିତ ହୋଇଥିଲା। ରାଜୀବ ଗାନ୍ଧି ଏହି ନିର୍ବାଚନରେ କଂଗ୍ରେସର ନେତୃତ୍ୱ ନେଇ ତାମିଲନାଡୁରେ ପ୍ରଚାର କରୁଥିବା ସମୟରେ ଆତତାୟୀର ଗୁଳିରେ ପ୍ରାଣ ହରାଇଲେ। ଏବଂ ପରବର୍ତ୍ତୀ ନେତୃତ୍ୱ ପି.ଭି.ନରସିଂହ ରାଓ ନେଇ ଲୋକସଭାରେ ୨୩୨ ଗୋଟି ଆସନ ଲାଭକରି ଗୋଟିଏ ସଂଖ୍ୟାନ୍ୟୂନ ସରକାର ଗଠନ କରିଥିଲେ। ସେ ଯେନ ତେନ ପ୍ରକାରେଣ ସମ୍ପୂର୍ଣ୍ଣ ପାଂଚବର୍ଷକାଳ କ୍ଷମତାରେ ରହିଥିଲେ। ତତ୍ପରେ ୧୯୯୬ ମସିହା ନିର୍ବାଚନରେ ମଧ୍ୟ କୌଣସି ଦଳ ଲୋକସଭାରେ ସଂଖ୍ୟାଗରିଷ୍ଠତା ଲାଭ କଲାନାହିଁ। ଏକକ ସର୍ବବୃହତ୍ ଦଳର ନେତାଭାବେ ଅଟଳବିହାରୀ ବାଜପେୟୀ ଏକ ସରକାର ଗଠନ କଲେ ଯାହା ଅନ୍ୟ କୌଣସି ଦଳର ସମର୍ଥନ ଅଭାବରୁ କେବଳ ତେରଦିନ ପରେ କ୍ଷମତାରୁ ବିଦାୟ ନେଇଥିଲା। ହଠାତ ନିର୍ବାଚନକୁ ନଯାଇ ଯେ କୌଣସି ପ୍ରକାରେ ଗୋଟିଏ ସରକାର ଗଠନ କରିବାର ପ୍ରକ୍ରିୟା ଯୋଗୁଁ ଦେବଗୌଡାଙ୍କ ସଂଖ୍ୟାନ୍ୟୂନ ସରକାର ଗଠିତ ହୋଇଥିଲା। ସୀତାରାମ କେଶରୀଙ୍କ ବିରୁଦ୍ଧରେ ଦୁର୍ନୀତି ଓ ଫୌଜଦାରୀ ମାମଲାର ସି.ବି.ଆଇ ଯାଞ୍ଚ ଯୋଗୁ ଦେବଗୌଡାଙ୍କ ସରକାରର ପତନ ଘଟିଲା। ତା ପରେ ଆଇ. କେ. ଗୁଜୁରାଲ ପ୍ରଧାନମନ୍ତ୍ରୀ ହେଲେ ତାଙ୍କର ଶାସନ ମଧ୍ୟ କ୍ଷଣସ୍ଥାୟୀ ଥିଲା। ୧୯୯୮ ମସିହା ନିର୍ବାଚନରେ ମଧ୍ୟ କୌଣସି ଦଳ ସଂଖ୍ୟା ଗରିଷ୍ଠତା ଲାଭ କରି ପାରି ନଥିଲା। ଅଠର ଗୋଟି ଦଳର ମିଳିତ ସରକାରର ବାଜପେୟୀ ନେତୃତ୍ୱ ନେଲେ। ଆନ୍ନା ଡି. ଏମ. କେ ଦଳର ନେତ୍ରୀ ଜୟଲଳିତାଙ୍କ ଅନୈତିକ ଚାପ ଓ ହସ୍ତକ୍ଷେପକୁ ସରକାର ଗ୍ରହଣ ନକରିବାରୁ ପ୍ରାୟ ତେରମାସ କ୍ଷମତାରେ ରହିବା ପରେ ୧୯୯୯ ମସିହା ଏପ୍ରିଲ ୧୭ ତାରିଖରେ ବାଜପେୟୀ ସରକାରର ପତନ ଘଟିଲା। ଅକ୍ଟୋବର ୧୯୯୯ ତ୍ରୟୋଦଶ ଲୋକସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ ମଧ୍ୟ କୌଣସି ଦଳ ସଂଖ୍ୟାଗରିଷ୍ଠତା ଲାଭ ନକରିବାରୁ ବିଜେପି ନେତୃତ୍ୱରେ ୨୩ ଗୋଟି ଦଳଙ୍କ ସମର୍ଥନରେ ଜାତିୟ ଗଣତାନ୍ତ୍ରିକମେଣ୍ଟ ସରକାର ଗଠିତ ହେଲା ଏବଂ ବାଜପେୟୀ ପୁଣିଥରେ ପ୍ରଧାନ ମନ୍ତ୍ରୀ ହେଲେ। ଏବଂ ବହୁ ଘାତ ପ୍ରତିଘାତ ମଧ୍ୟରେ ପାଞ୍ଚ ବର୍ଷ ପୂର୍ତ୍ତି ଉପଲକ୍ଷେ ବି.ଜେ.ପି ଦଳ ପକ୍ଷରୁ ସମଗ୍ର ଦେଶରେ ଉତ୍ସବ ପାଳିତ ହୋଇଥିଲା। ସେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା କହିଲେ କିଛି ଭୂଲ ହେବନି। ଏହାପରେ ପୁନର୍ବାର କଂଗ୍ରେସ ସରକାର କ୍ଷମତାକୁ ଆସିବା ସହ ମନମୋହନ ସିଂହ ବିଚକ୍ଷଣ ଅର୍ଥନିତିଜ୍ଞ ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୪ର୍ଥ ବୃହତ ପ୍ରଧାନମନ୍ତ୍ରୀ ଭାବେ ଦାୟୀତ୍ୱ ସମ୍ପନ୍ନ କରିଥିଲେ। ବର୍ତ୍ତମାନ ୨୬ ମେ ୨୦୧୪ ରୁ ଅଦ୍ୟାବଧି ନରେନ୍ଦ୍ର ମୋଦୀ ପଧାନ ମନ୍ତ୍ରୀ ଭାବରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି କିନ୍ତୁ ଚଳିତ ନିର୍ବାଚନରେ ତାଙ୍କୁ ପୂର୍ଣ୍ଣ ବହୁମତ ନମିଳିବାରୁ ସେ ଚନ୍ଦ୍ରବାବୁ ନାଇଡୁ ଏବଂ ଜେଡିୟୁ ନେତା ନିତିଶ କୁମାରଙ୍କ ସାହାରାରେ ସରକାର ଗଠନ କରିଛନ୍ତି। ତାଙ୍କୁ ପ୍ରତି ମୁହୂର୍ତ୍ତରେ ନିଜ ସରକାର ପତନର ଭୟ ରହୁଛି। ଆସନ୍ତା ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହେବାକୁ ଯାଉଛି ଯାହା ଶୁଣିବାକୁ ମିଳୁଛି ନାଇଡୁ ଜି ବାଚସ୍ପତି ପଦକୁ ନେଇ ଅଡି ବସିଛନ୍ତି ଦେଖିବାକୁ ବାକିରହିଲା ମୋଦୀଜୀ କିପରି ଭାବରେ ନିଜ ଗୋଟିଚାଳନାକରି ଚନ୍ଦ୍ରବାବୁଙ୍କୁ କରାଗ୍ରତ କରୁଚନ୍ତି। ସେ ଯାହା ହେଉନା କାହିଁକି ରାଜନୈତିକ ଅସ୍ଥିରତା ଯୋଗୁ ନିର୍ବାଚନ ଗୋଟିଏ ମାରାତ୍ମକ ଖେଳରେ ପରିଣତ ହୋଇଛି ଏବଂ କୋଟି କୋଟି ଜନତା ଏହାର ସମସ୍ତ କୁପ୍ରଭାବ ଭୋଗ କରିବାକୁ ବାଧ ହେଉଚନ୍ତି। ବାରମ୍ବାର ନିର୍ବାଚନ ଯୋଗୁ ଦେଶର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି। ଏହା ଦେଶରେ ରାଜନୈତିକ ତିକ୍ତତା ଓ ଶତୃତା ମଧ୍ୟ ବୃଦ୍ଧି କରୁଛି। ବର୍ତ୍ତମାନ ମୋଦୀଙ୍କ ସରକାର କେତେଦିନ ଚାଲିବ ତାହା ସମୟ କହିବ ନା ଆଉ ଏକ ନିର୍ବାଚନ ବୋଝ ଦେଶବାସୀଙ୍କୁ ସହିବାକୁ ପଡିବ?

*ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା*

# ବାଜିରେ ଲାଗିଛି ନିରୀହ ଲୋକଙ୍କ ଜୀବନ



ଆଶୁତୋଷ ନାୟକ

ଭାରତରେ ରେଳଯାତ୍ରା ସବୁଠୁ ସୁରକ୍ଷିତଏବଂ ଆରାମଦାୟକ ଏହା ସାଧାରଣଲୋକଙ୍କର ବିଶ୍ୱାସ ରହିଛି । ଏଥିପାଇଁ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ଟ୍ରେନରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିଥାନ୍ତି । ବସ ଏବଂ ବିମାନଯାତ୍ରା ଅପେକ୍ଷା ଏଥିରେ ଟିକେଟର ମୂଲ୍ୟ ଅପେକ୍ଷାକୃତ କମ ରହିଥାଏ । ସେଥିପାଇଁ ରେଳଯାତ୍ରା କରିବା ପାଇଁ ଲୋକମାନେ ଅଧିକ ପସନ୍ଦ କରିଥାନ୍ତି । ବିଗତ କିଛି ବର୍ଷ ମଧ୍ୟରେ ଛୋଟ, ବଡ଼ ରେଳ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ସଂଚ୍ଚାର କରୁଛି । ସୁରକ୍ଷିତ ଭାବେ ନିଜେ ଏବଂ ନିଜର ପରିବାରବର୍ଗ, ଆତ୍ମୀୟସ୍ୱଜନ,ବନ୍ଧୁପରିଜନ ନିଜର ଗନ୍ତବ୍ୟ ସ୍ଥଳରେ ପହଁଛିପାରିବେ ତ ?କୌଣସି ଅଘଟଣ ତାଙ୍କ ସହିତ ଘଟିଯିବନି ତ ? ଏହିପରି ଅନେକ ଅସୁମାରୀ ପ୍ରଶ୍ନ ଯାତ୍ରୀ ମନ ମଧ୍ୟରେ ଉଙ୍କି ମାରୁଛି । ନିଜର ସୁରକ୍ଷା ପାଇଁ ରେଳଯାତ୍ରୀଙ୍କୁ ସଦାସର୍ବଦା ଚିନ୍ତିତ, ଭୟ ଏବଂ ଆଶଙ୍କା ମଧ୍ୟରେ ରହିବାକୁ ପଡୁଛି । ରେଳଦୁର୍ଘଟଣାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି କିନ୍ତୁ ଦୁର୍ଘଟଣାକୁ ରୋକିବାରେ ସରକାର ବିଫଳ ହେଉଛନ୍ତି । ରେଳଦୁର୍ଘଟଣା କମିବାର ନା ଧରୁନି । ପୁଣି ବାରମ୍ବାର ଏହିପରି ଦୁର୍ଘଟଣାର ଲୋକମାନେ ଶିକାର ହେଉଛନ୍ତି । ଟ୍ରେନ ମାନଙ୍କ ମଧ୍ୟରେ ଯେପରି ଧକ୍କା ନହୁଏ ସେଥିଲାଗି ଆଣ୍ଟି କଲିଜନ ଡିଭାଇସି ବା କବଚ୍ ସିଷ୍ଟମର ବ୍ୟାପକ ବ୍ୟବହାରର ଆବଶ୍ୟକତା ରହିଛି ।

ଭାରତରେ ହୋଇଥିବା କେତେକ ବଡ଼ ରେଳ ଦୁର୍ଘଟଣାର ଇତିହାସକୁ ଯଦି ଆମେ ଅବଲୋକନ କରିବା ରେଳ ଦୁର୍ଘଟଣାର ପ୍ରକୃତ କାରଣ ପାଖରେ ଆମେ ନିଶ୍ଚିତ ପହଁଞ୍ଚିପାରିବା ଏଥିରେ ସନ୍ଦେହ ର ଅବକାଶ ନାହିଁ । ଯେଉଁ କେତେଟି ହୃଦୟବିଦାରକ ଅତି ଭୟାଭୟ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ସେଥିମଧ୍ୟରୁ ବିହାରର ବାଗମତୀ ନଦୀରେ ହୋଇଥିବା ଦୁର୍ଘଟଣା ଅନ୍ୟତମ । ଏହା ବିଶ୍ୱର ଦ୍ୱିତୀୟ ବୃହତ ରେଳ ଦୁର୍ଘଟଣା । ୧୯୮୧ଜୁନ ୬ତାରିଖରେ ବିହାର ବାଗମତୀ ନଦୀରେ ଖସିପଡିଥିଲା ଏକ ପାସେଞ୍ଜର ଟ୍ରେନ । ଏଥିରେ ନିର୍ଦ୍ଦିଷ୍ଟ ଭାବେ କେତେଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା ତାହା ଆଜି ମଧ୍ୟ ରହସ୍ୟ ହୋଇରହିଛି । ସରକାରୀ ତଥ୍ୟ ଅନୁସାରେ ଏହାର ସଠିକ ତଥ୍ୟ ପ୍ରଶାସନ ଆକଳନ କରିବା ଅସମ୍ଭବ ଥିଲା । ଗଣମାଧ୍ୟମର ରିପୋର୍ଟ ଅନୁସାରେ ୭୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା । ଏହି ଭୟାବହ ଦୁର୍ଘଟଣାର ପ୍ରକୃତ କାରଣ ମଧ୍ୟ ସରକାର ଜାଣିବାକୁ ସକ୍ଷମ ହେଇପାରିନଥିଲେ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଅଚାନକ ଟ୍ରେନ ଲୋକପାଇଲଟ ବ୍ରେକ ମାରିବାରୁ ଏପରି ଘଟିଥିଲା ଏବଂ ଆଉକିଛି ବ୍ୟକ୍ତି ବନ୍ୟା, ବାତ୍ୟାର କାରଣ ଦର୍ଶାଇଥିଲେ । ୧୯୯୫ ଅଗଷ୍ଟ ୨୦ ଉତ୍ତରପ୍ରଦେଶର କାଳିନ୍ଦୀ ଏକ୍ସପ୍ରେସକୁ ଟକ୍କର ଦେଇଥିଲା ପୁରୁଷୋତ୍ତମ ଏକ୍ସପ୍ରେସ । ଏହି ଭୟଙ୍କର ରେଳଦୁର୍ଘଟଣାରେ ୩୦୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ସରକାରୀ ତଥ୍ୟ ଅନୁସାରେ ଏବଂ ଅନେକ ଲୋକ ଏଥିରେ ଆହତ ହୋଇଥିଲେ। ଏକ ଗାଈକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରିଥିଲେ କାଳିନ୍ଦୀ ଏକ୍ସପ୍ରେସର ଲୋକପାଇଲଟ୍ । ବ୍ରେକ୍ ଜାମ ହୋଇଯିବା ପରେ ଏହା ଷ୍ଟେସନରେ ଠିଆ ହୋଇଥିଲା ସେତିକିବେଳେ ପୁରୁଷୋତ୍ତମ ଏକ୍ସପ୍ରେସ ପଛରୁ ଆସି ଏହାକୁ ଧକ୍କା ଦେଇଥିଲା। ୧୯୯୮ ମସିହା ନଭେମ୍ବର ୨୬ରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ଓ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲ ମଧ୍ୟରେ ଧକ୍କା ହୋଇଥିଲା ପଞ୍ଜାବର ଖାନ୍ନା ଠାରେ ଏହି ଲୋମହର୍ଷଣକାରୀ ଦୁର୍ଘଟଣା ଘଟିଥିଲା। ରେଳଧାରଣା ଭାଙ୍ଗିଥିବା ଯୋଗୁଁ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲର ୬ଟି ବଗି ଲାଇନଚ୍ୟୁତ ହୋଇଥିଲା । ଠିକ୍ ସେହି ସମୟରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ପଛରୁ ଆସି ଧକ୍କା ଦେଇଥିଲା । ଏହି ଭୟଙ୍କର ଦୁର୍ଘଟଣାରେ ୨୧୨ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭି ଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ। ୧୯୯୯ ମସିହା ଅଗଷ୍ଟ ୨ରେ ଘଟିଥିଲା ଏକ ଭୟଙ୍କର ଦୁର୍ଘଟଣା ଯେତେବେଳେ ସବୁ ଯାତ୍ରୀ ବିଶ୍ରାମ ନେଉଥିଲେ ଠିକ୍ ରାତି ୧ ଟା ୩୦ରେ ଘଟିଥିଲା ବଡ଼ ଦୁର୍ଘଟଣା। ଆସାମର ଗୁଆହାଟି ରେ ଅଓ୍ୱଧ - ଆସାମ ଏକ୍ସପ୍ରେସ୍ ଏବଂ ବ୍ରହ୍ମପୁତ୍ର ମେଲ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ୨୮୫ରୁ ଉର୍ଦ୍ଧ୍ୱ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ଏବଂ ଅନେକ ବ୍ୟକ୍ତି ଏଥିରେ ଆହାତ ହୋଇଥିଲେ । ତ୍ରୁଟିପୂର୍ଣ୍ଣ ସିଗନାଲ ଯୋଗୁଁ ଏପରି ଭୟାବହ ଦୁର୍ଘଟଣା ଘଟିଥିଲା । ମାଓବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୧୦ମସିହା,ମେ, ୨୮ ତାରିଖରେ ଘଟିଥିଲା ବିରାଟ ବଡ଼ ରେଳ ଦୁର୍ଘଟଣା । ପଶ୍ଚିମବଙ୍ଗର ମେଦିନାପୁର ଜିଲ୍ଲା କ୍ଷମାଶୁଳି ଓ ସାରଦିଆ ମଧ୍ୟରେ ହୋଇଥିଲା ଶକ୍ତିଶାଳୀ ବିସ୍ଫ ?ରଣ କିମ୍ବା କୌଣସି ଆତ୍ମଘାତୀ କାର୍ଯ୍ୟ ଯୋଗୁଁ ଜ୍ଞାନେଶ୍ୱରୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା । ଫଳରେ ଏକ ମାଲବାହୀ ଟ୍ରେନ ସହିତ ଏହାର ଧକ୍କା ହୋଇଥିଲା । ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ଟ୍ରେନ ଅଟକିଥିଲା । ଏହି ସମୟରେ ମାଓବାଦୀ ମାନଙ୍କର ବର୍ବରତାର ସମସ୍ତ ସୀମା ଟପି ଯାଇଥିଲା । ସେମାନେ ୧୪୮ଜଣ ନିରୀହ ଯାତ୍ରୀଙ୍କୁ ହତ୍ୟା କରିଥିଲେ । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୦ ପର୍ଯ୍ୟନ୍ତ ଆମଦେଶରେ ଛୋଟ ବଡ଼ ରେଳ ଦୁର୍ଘଟଣାକୁ ମିଶାଇ ୧୩୦୦୦ ଦୁର୍ଘଟଣା ଘଟିଛି ଏବଂ ୧୬୦୦୦ରୁ ଉର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ଅକାଳ ବିୟୋଗ ହୋଇଛି । ଦେଶର ଅନେକ ରେଳମନ୍ତ୍ରୀଙ୍କ ସମୟରେ ବଡ଼ ରେଳ ଦୁର୍ଘଟଣା ଘଟିଛି କିନ୍ତୁ କ୍ୱଚିତ କୌଣସି ରେଳମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସବୁଠୁ ଆଗରେ ଅଛନ୍ତି ଆଦର୍ଶ ରାଜନେତା ଲାଲବାହଦ୍ଦୁର ଶାସ୍ତ୍ରୀ ।ନଭେମ୍ବର, ୧୯୫୬ ଆରିୟାଲୁରରେ ରେଳ ଦୁର୍ଘଟଣା ଘଟି ୧୪୬ବ୍ୟକ୍ତିଙ୍କ ଅକାଳ ବିୟୋଗରେ ସେ ଗଭୀର ମର୍ମାହତ ହୋଇଥିଲେ ଏବଂ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କର ଉତ୍ତରଦାୟିତ୍ୱ ଓ ନୈତିକତା ଅନ୍ୟ ରାଜନେତାଙ୍କ ପାଇଁ ସଦା ସର୍ବଦା ଆଦର୍ଶ ହୋଇରହିବ । ଏକବିଂଶ ଶତାବ୍ଦୀ ୨୦୨୩ରେ ସବୁଠୁ ବଡ଼ ଭୟଙ୍କର ଲୋମହର୍ଷଣକାରୀ ରେଳ ଦୁର୍ଘଟଣା ଯାହା ସାରା ବିଶ୍ୱକୁ ଆଚମ୍ବିତ କରିଦେଇଥିଲା । ସନ୍ଧ୍ୟା ୭ଟା ସମୟରେ କରମଣ୍ଡଳ ଏକ୍ସପ୍ରେସ ଏବଂ ଯଶଓ୍ୱନ୍ତପୁର - ହାଓଡା ସୁପରଫାଷ୍ଟ ଏବଂ ଏକ ମାଲବାହି ଟ୍ରେନ ମଧ୍ୟରେ ଧକ୍କା ହୋଇଥିଲା । ଏହି ହୃଦୟବିଦାରକ ଲୋମହର୍ଷଣକାରୀ ଭୟଙ୍କର ରେଳଦୁର୍ଘଟଣାରେ ୨୯୦ରୁ ଉର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ପ୍ରାଣହାନି ଘଟିଛି ଏବଂ ଅନେକ ଏଥିରେ ଆହତ ହୋଇଛନ୍ତି । ସଦ୍ୟତମ ରେଳ ଦୁର୍ଘଟଣା ଯାହାକି ଏଇ ବୁଧବାର ୧୧ଅକ୍ଟୋବରରେ ଘଟିଛି । ନର୍ଥଇଷ୍ଟ ଏକ୍ସପ୍ରେସର ୨୧ଟି ବଗି ଲାଇନଚ୍ୟୁତ ହୋଇଛି ବିହାରର ରଘୁନାଥପୁର ଷ୍ଟେସନ ନିକଟରେ । ଏଥିରେ ୬ଜଣ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏଥିରେ ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ରେଳବାଇର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ ଟ୍ରାକରେ ରହିଥିବା ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଇଞ୍ଜିନିୟରିଂ ବିଭାଗର ଗୁରୁତର ଅବହେଳା ପାଇଁ ଏପରି ଘଟିଛି ବୋଲି ଏହି ରିପୋର୍ଟ ରେ ଉଲ୍ଲେଖ ଅଛି । ଏହି ଦୁର୍ଘଟଣାରେ ସରକାରୀ ରିପୋର୍ଟ ଅନୁସାରେ ରେଳବିଭାଗର ୫୨କୋଟି ଟଙ୍କା କ୍ଷତି ହୋଇଛି । କେତେକ ଅସାମାଜିକ ତତ୍ତ୍ୱ ମାଓବାଦୀ,ଆତଙ୍କବାଦୀ ନିଜର ମନ୍ଦ ଉଦେଶ୍ୟ ଚରିତାର୍ଥ କରିବା ପାଇଁ ଅନେକ ସମୟରେ ଜାଣିଶୁଣି ଷଡଯନ୍ତ୍ର କରି ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେଥିପାଇଁ ସମୟ ଆସିଛି ରାଜନୈତିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ରସରକାର ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ପଡିବ, ଯେପରିକି ଭବିଷ୍ୟତରେ ରେଳ ଦୁର୍ଘଟଣା ରୋକାଯାଇପାରିବ । ସମ୍ପୂର୍ଣ୍ଣଭାବେ ଦୁର୍ଘଟଣାକୁ ରୋକାଯାଇ ନପାରିଲେ ମଧ୍ୟ ଏହାକୁ କମ କରାଯାଇ ପାରିବ । ଆଣ୍ଟିକଲିଜନ ଡିଭାଇସି ବା କବଚ୍ ସିଷ୍ଟମ ବହୁଳମାତ୍ରରେ ବ୍ୟବହାର କରାଯାଇ ଅନେକାଂଶରେ ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ । ଟ୍ରେନ ଲୋକପାଇଲଟଙ୍କ ଟାରୁ ଆରମ୍ଭ କରି ସିଗନାଲ ମ୍ୟାନ, ଇଞ୍ଜିନିୟର ପ୍ରଯ୍ୟନ୍ତ ସମସ୍ତ ରେଳବାଇ କର୍ମଚାରୀ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ । ସମସ୍ତଙ୍କର ମିଳିତ ସହଯୋଗରେ ରେଳ ଦୁର୍ଘଟଣାକୁ ନିଶ୍ଚିତ ଭାବେ ରୋକାଯାଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

*ଗୋପାଳପୁର, ବାଲେଶ୍ୱର*
*ମୋ :୭୦୨୦୬୧୧୩୦୦*

# ଦୈନନ୍ଦିନ ଜୀବନରେ ଯୋଗ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଯୋଗ ଏମିତି ଏକ ସୁଅଭ୍ୟାସ ବା ସାଧନା, ଘୋର ସମରକ୍ଷେତ୍ରରେ ମଧ କାମରେ ଲାଗିଥାଏ। ତା ନହୋଇଥିଲେ କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଶିଷ୍ୟ ଅର୍ଜୁନଙ୍କୁ ଯୋଗର ୧୮ ଅଧ୍ୟାୟ ବୁଝାଇ ନଥାନ୍ତେ। ଯେଉଁ ଯୋଗ ଯୁଦ୍ଧ କ୍ଷେତ୍ରରେ ଆବଶ୍ୟକ ହେଉଛି, ଦୈନନ୍ଦିନ ଜୀବନରେ ତାର ଆବଶ୍ୟକତା ନାହିଁ କେମିତି ? ଅନେକ ଲୋକ ଯୋଗ ଉପରେ ବଡ଼ ବଡ଼ ଶୁଷ୍କ ଭାଷଣ ଦିଅନ୍ତି, ଅନେକ ଲୋକ ଯୋଗ ବିଷୟରେ ପଢ଼ନ୍ତି, ଶୁଣନ୍ତି, ସାଧନା ବି କରନ୍ତି। କିନ୍ତୁ ଏପରି କେତେକ ଲୋକ ଅଛନ୍ତି, ଯୋଗକୁ ଜୀବନଯାପନର କଳା ମନେକରି ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ହିଁ ତାର ପ୍ରୟୋଗ କରନ୍ତି। ସତ କହିଲେ, ଏହିମାନେ ହିଁ ପ୍ରକୃତ ଯୋଗୀ। ଯୋଗ ଏମିତି ଏକ ବିଦ୍ୟା ଦୈନନ୍ଦିନ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ହିଁ ତାର ଆବଶ୍ୟକତା ଅଛି। ଶ୍ରୀମଦ୍ ଭଗବଦ ଗୀତାର ଯୋଗ ତ ଏଇଠାରୁ ଆରମ୍ଭ ହୋଇଛି। ସାଂସାରିକ ଜୀବନ ବିତାଉଥିବା ମୋହଗ୍ରସ୍ତ ଅର୍ଜୁନ ଯେତେବେଳେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ କହିଲେ - 'କାର୍ପଣ୍ୟ ଦୋଷୋପହତ ସ୍ୱଭାବଃ, ପୃଚ୍ଛାମି ତ୍ୱାଂ ଧର୍ମ ସଂମୂଢ଼ଚେତାଃ। ଯେଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୁହିତନ୍ମେ, ଶିଷ୍ୟସ୍ତେହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ।।' ଅର୍ଥାତ୍ ହେ ପ୍ରଭୁ ! ମୋ ହୃଦୟ ଦୁର୍ବଳତାରେ ବଶୀଭୂତ ହୋଇଯାଇଛି। ମୋ ମନ କର୍ତ୍ତବ୍ୟ ବିଷୟରେ ଭ୍ରାନ୍ତ ହୋଇଯାଇଛି। ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ ଶ୍ରେୟ, ତାହା ନିଶ୍ଚିତ ରୂପେ ବୁଝାଇ ଦିଅନ୍ତୁ। ଭଗବାନ ସେତେବେଳେ ତାଙ୍କୁ କହିଲେ - 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଅହଂ ତ୍ୱା ସର୍ବପାପୋଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।' ଅର୍ଥାତ୍ ହେ ଅର୍ଜୁନ ! ସମସ୍ତ ଦେହଧର୍ମ ତ୍ୟାଗ କରି ତୁମେ କେବଳ ମୋର ଶରଣ ନିଅ। ମୁଁ ତୁମକୁ ସବୁ ପାପରୁ ମୁକ୍ତ କରିଦେବି। ତୁମେ ଶୋକ କରନାହିଁ। ମୋର ଶରଣ ନିଅ, ଅର୍ଥାତ୍ ନିଜକୁ ଦେହ, ପ୍ରାଣ, ମନ ନ ଭାବି ଆତ୍ମା ବୋଲି ଭାବି ତାହାରି ଶରଣ ନିଅ। ଭଗବାନ କଥା ଅର୍ଜୁନ ବୁଝିଗଲେ। ସେ ନିଜ ଜୀବନରଥର ସଞ୍ଚାଳନ ଦାୟିତ୍ୱ ଭଗବାନଙ୍କ ଉପରେ ନ୍ୟସ୍ତ କରିଦେଲେ। ନିଜ ଭିତରେ ଥିବା କାମ, କ୍ରୋଧ, ଲୋଭ ଆଦି ମନ୍ଦଗୁଣ ସହିତ, ଅବିଦ୍ୟା ସହିତ ସଂଘର୍ଷ କରିବାକୁ ଲାଗିଲେ। ଏହିଭଳି ସଂଘର୍ଷ କରି ସେ ଜଣେ ମହାନ ଯୋଦ୍ଧା ବା ଯୋଗୀରେ ପରିଣତ ହେଲେ। ଏଥରୁ ଆମର ଅନେକ କିଛି ଶିକ୍ଷା କରିବାର ଅଛି। ନିଜର ସ୍ୱରୂପ ଭୁଲିଯାଇଥିବା ବ୍ୟକ୍ତି ହିଁ ନିଜକୁ ଦୁର୍ବଳ ମନେକରି ଭୟଭୀତ ହୋଇଥାଏ। ଜଣେ ଯେତେବେଳେ ନିଜର ସ୍ୱରୂପକୁ ଜାଣିଯାଏ, ନିଜର ପ୍ରଯତ୍ନ ଓ ପୁରୁଷାର୍ଥ ଉପରେ ବିଶ୍ୱାସ ରଖି କାର୍ଯ୍ୟ କରିଯାଏ, ସେ ଦିନେ ନିଶ୍ଚିତ ରୂପେ ସଫଳ ହୁଏ। ଆମ ଭିତରେ ଯେତେ ଦୋଷ ଦୁର୍ବଳତା ମନ୍ଦ ଗୁଣ ଥିଲେ ବି ଆମେ ଯଦି ପ୍ରଯତ୍ନ କରିବା ତେବେ ଅର୍ଜୁନଙ୍କ ପରି ଯୋଗୀଟିଏ ହୋଇପାରିବା। ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ଖାଲି ପ୍ରଯତ୍ନ ପୁରୁଷାର୍ଥରେ କାମ ହୁଏନା, ପରମ ଗୁରୁ ଭଗବାନଙ୍କ କୃପା ଆମ ଉପରେ ଥିବା ଆବଶ୍ୟକ। ଏ ସମ୍ପର୍କରେ କଠୋପନିଷଦ କହନ୍ତି - 'ନୟମାତ୍ମା ପ୍ରବଚନେନ ଲଭ୍ୟୋ, ନ ମେଧୟା ନ ବହୁନା ଶ୍ରୁତେନ। ଯମେବୈଷ ବୃଣୁତେ ତେନ ଲଭ୍ୟ, ସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୁଂ ସ୍ୱାମ୍।' ଆଧ୍ୟାତ୍ମିକ ପ୍ରବଚନ ଦ୍ୱାରା, ତୀକ୍ଷଣ ବୁଦ୍ଧିଦ୍ୱାରା, ବହୁଶାସ୍ତ୍ର ଅଧ୍ୟୟନ ଦ୍ୱାରା କାହାରିକୁ ଏଇ ଆତ୍ମ ପ୍ରାପ୍ତି ହୁଅନ୍ତି ନାହିଁ। ଈଶ୍ୱର ଯାହାଙ୍କ ପ୍ରତି କୃପା କରନ୍ତି, ସେହି ବ୍ୟକ୍ତି ହିଁ ପରମାତ୍ମାଙ୍କୁ ଲାଭ କରିପାରନ୍ତି। ଈଶ୍ୱରଙ୍କ କୃପା ସେହି ବ୍ୟକ୍ତିକୁ ମିଳେ, ଯିଏ ନିଜର ଦିନଚର୍ଯ୍ୟାରେ ନିୟମବଦ୍ଧ ହୁଏ। ଈଶ୍ୱରୀୟ ନିୟମରେ ଜୀବନ ନିର୍ବାହ କରେ। ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ କରିବାକୁ ପୁରୁଷାର୍ଥ କରେ।

'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଳା ରୋଡ଼,
ମଙ୍ଗଳାବାଗ, କଟକ




# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି.....

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'। ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁବରଣ କରିବାକୁ ହୁଏ। ଅସଂଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ଦେଖିଥିଲେ ମଧ୍ୟ ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେ ଜଣଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କର ମନଛୁଆଁ ଅଭୁଲା କାର୍ଯ୍ୟ କଳାପ ଯୋଗୁଁ ସେମାନଙ୍କୁ ଭୁଲି ହୁଏନାହିଁ। ଏହିପରି ଜଣେ ମହିୟସୀ ମହିଳା ଥିଲେ ମୋ ମାଆ ପୂଜ୍ୟା ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ବାସନ୍ତୀ ଦେବୀ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ବାସନ୍ତୀ ଦେବୀ।

ମନେପଡୁଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଏକ ଦିବ୍ୟ ବାଣୀ। ''ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।''

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି -'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧିକା ଥିଲେ ଏହି ପରୋପକାରୀ ମହିଳା ବ୍ୟକ୍ତିତ୍ୱ। ଜୀବନକୁ ସେ କେବଳ ବଞ୍ଚିନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସେ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇ ନ ପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ତାଙ୍କ ଜୀବନ ତମାମ ସର୍ବୋପରି ଥିଲା ଅନ୍ୟମାନଙ୍କ ପାଇଁ ସମାଜ ସେବା, ଅନ୍ୟ ମାନଙ୍କ ଉପକାର, ଅନ୍ୟ ମାନଙ୍କ ପାଇଁ ହିଁ ଭଲପାଇବା। ଆଜି ତାଙ୍କ ବୋହୂ ପୁଷ୍ପଲତା ଦାସ, ନାତୁଣୀ ସାଇସ୍ମିତା ଦାସ, ସତ୍ୟସାଗର ଦାସ ସମସ୍ତେ କାନ୍ଦୁଛନ୍ତି ତାଙ୍କର ଅମର ଆତ୍ମା ପାଇଁ କିନ୍ତୁ ସେ ତାଙ୍କ ଜୀବନକୁ ନିର୍ବାହ କରିଥିଲେ ପରୋପକାର, ସମାଜ ସେବା ଓ ଆଧ୍ୟାତ୍ମିକ ଜୀବନ ପାଇଁ ସମର୍ପିତ ହୃଦୟକୁ ନେଇ। ଯେଉଁଠି ନା ଥିଲା ସ୍ୱାର୍ଥ, ନା ଥିଲା ପ୍ରଚାର, ନା ଥିଲା ପ୍ରସାର? ଆଜି ତମାମ କେନ୍ଦୁପାଟଣା ନୁହେଁ ଓଡ଼ିଶା କାନ୍ଦୁଛି ଏହି ମହିୟସୀ ବ୍ୟକ୍ତିତ୍ୱଙ୍କ ପାଇଁ। କାରଣ ତାଙ୍କର ଜୀବନର ସମର୍ପଣ ଥିଲା ଅନ୍ୟମାନଙ୍କ ସେବା, ଅନ୍ୟମାନଙ୍କ ଉନ୍ନତି, ଅନ୍ୟମାନଙ୍କ ପ୍ରଗତି। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ। ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଜୀବନରେ ତ୍ୟାଗ, ଉତ୍ସର୍ଗ, ଭଲ ପାଇବା, ପରୋପକାର, ଅନ୍ୟମାନଙ୍କ ସମର୍ପଣ ବଡ଼ କଥା। ଏହାହିଁ ଆମମାନଙ୍କ ପାଇଁ ପ୍ରେରଣା ଉତ୍ସ ହେଉ, ଏହାହିଁ କାମନା।

# ବରୁଥିନି ଏକାଦଶୀ



ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ। ରାଜା ଅତ୍ୟନ୍ତ ଧାର୍ମିକ ଥିଲେ। ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା। ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ। ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା। ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା। ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ। ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ।

ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା। ରାଜା ଶୋକାତୁର ହୋଇପଡ଼ିଲେ। ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ! ଶୋକ କରନାହିଁ। ତୁମେ ମଥୁରା ଯାଇ ସେଠାରେ ବରୁଥିନି ଏକାଦଶୀ ବ୍ରତ ରଖ। ମୋର ବରାହ ଅବତାରକୁ ପୂଜା କର। ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତ କରିବ। ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି। ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ବରୁଥିନି ଏକାଦଶୀ ବ୍ରତ କଲେ। ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ।

ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ବରୁଥିନି ଏକାଦଶୀ କୁହାଯାଇଥାଏ। ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି। ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ। କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ।

# କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତଙ୍କ ରାଜସ୍ୱ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଗତ ୧୮ ତାରିଖ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ରାଜସ୍ୱ ଆଦାୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର(ରାଜସ୍ୱ) ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଡେରାବିଶ ତହସିଲଦାର ନମିତା ବାରିକ ଏବଂ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କରି ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଫଇସଲା ହୋଇନଥିବା ବିଭିନ୍ନ ରାଜସ୍ୱ ମାମଲା, ଜବରଦଖଲ ମାମଲା, ଦାଖଲ ଖାରଜ ମାମଲା, ଓଏଲଆର(୮କ) ମାମଲା, ଓଏଲଆର(୧୯-୧ଗ)ମାମଲା, ଭୂ-ବନ୍ଦୋବସ୍ତ ମାମଲା, ସୀମା ନିର୍ଦ୍ଧାରଣ ଇତ୍ୟାଦି ମାମଲାଗୁଡିକୁ ଆସନ୍ତା ୧୭ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧିନରେ ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟଗୁଡିକ ପାଇଁ ଜମି ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କ୍ଷୁଦ୍ରଲଘୁ ଖଣିଜ ପଦାର୍ଥରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ୧୮କୋଟି ୬୯ଲକ୍ଷ ୮୭ହଜାର ୮୪୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଥିଲା। ଅନଧିକାର ଲଘୁଖଣିଜ ଦ୍ରବ୍ୟ(ବାଲି ଓ ମାଟି)ର ଉ ।ଳନ ଓ ଏହାର ପରିବହନ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ ତହସିଲଦାରମାନଙ୍କୁ ରାଜସ୍ୱ ଆୟୁକ୍ତ ଶ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଏହାର ଅନଧିକାର ଅଧିଗ୍ରହଣକୁ ଉଚ୍ଛେଦ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ।

# ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷଙ୍କ ଘରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର କଲୋନୀରେ ରହୁଥିବା ସାହସପୁର କଲେଜ୍‌ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତରଂଜନ ମହାନ୍ତିଙ୍କ ଘର ଝରକା ତାଡ଼ି ଚୋରମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର, ଦାମି ମୋବାଇଲ୍ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ଶ୍ରୀ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ପହ ି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପ୍ରକାଶ ଯେ, ଶ୍ରୀ ମହାନ୍ତି ତାଙ୍କ ବଡ଼ଭାଉଜଙ୍କ ଦେହାନ୍ତ ହେବାରୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ। ଘରେ ତାଙ୍କ ପୁଅ, ବୋହୂ, ନାତି ଓ ସମୁଦୁଣୀ ଥିଲେ। ଅନ୍ୟ ରୁମ୍‌ରେ ପରିବାର ଲୋକେ ଶୋଇ ଯାଇଥିଲେ। ରାତି ପ୍ରାୟ ୨ଟାରେ ଚୋରମାନେ ଶ୍ରୀ ମହାନ୍ତିଙ୍କ ଘରପଛ ପାର୍ଶ୍ୱ ଝରକା ଗ୍ରିଲ୍ ତାଡ଼ି ତାଙ୍କ ରୁମ୍‌ରେ ପ୍ରବେଶ କରିଛନ୍ତି। ଉକ୍ତ ରୁମ୍‌ର ଷ୍ଟିଲ୍ ଆଲମିରାରେ ଥିବା ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଏକ ହୀରାମୁଦି, ୨ଟି ସୁନା ଚେନ୍, ୩ଟା ସୁନାମୁଦି, ଗୋଟିଏ ଆଇଫୋନ୍, ୩ଟି ମୋବାଇଲ୍ ଓ ୪୦ହଜାର ଟଙ୍କା ଚୋରମାନେ ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି। ଏସବୁର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଚୋରମାନେ ଉକ୍ତ ରୁମ୍‌ର ଭିତର ପଟୁ କବାଟ ବନ୍ଦ କରି ଦେଇଥିବାବେଳେ ଘରେ ଫିଙ୍ଗା ଫୋପଡ଼ା କରିଛନ୍ତି। ଏଥିସହ ଝରକାରେ ଏକ ଲୁହା କ ।ରେ ଇଂରାଜୀ ଅକ୍ଷରରେ କିଛି ଲେଖି ତାକୁ କାଟି ଦେଇଥିବା ବେଳେ ସିଗାରେଟ୍ ଟାଣି ଫିଙ୍ଗିଛନ୍ତି। ଶ୍ରୀ ମହାନ୍ତି ଭୋରରୁ ପୁରୀରୁ ଫେରି ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ରାତି ୧.୫୨ରୁ ୨.୪୦ ମଧ୍ୟରେ ୩ଜଣ ଦୁର୍ବୃତ ଏହି ଲୁଟ୍‌ପାଟ୍ କରିଥିବା ଶ୍ରୀ ମହାନ୍ତିଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ଜଣାପଡ଼ିଛି। ସେହିପରି ସମାନ ଢଙ୍ଗରେ ପଡୋଶୀ ବାସନ୍ତୀ ମଲ୍ଲିକଙ୍କ ଝରକା ଗ୍ରିଲ୍ ତାଡ଼ି ଚୋରମାନେ ତାଙ୍କ ଘରେ ପ୍ରବେଶ କରିଥିଲେ। ତାଙ୍କ ଘରେ କେହି ନଥିବା ବେଳେ କୌଣସି ମୂଲ୍ୟବାନ ସାମଗ୍ରୀ ନଥିବାରୁ ଚୋରମାନେ ଫିଙ୍ଗାଫୋପଡ଼ା କରି ଫେରି ଯାଇଥିବା ଜଣାପଡ଼ିଛି। ସନ୍ଧାନୀ କୁକୁର ଓ ସାଇ ିଫିକ୍ ଟିମ୍ ଆଣି ଘଟଣାର ଅଧିକ ତଦନ୍ତ କରାଯିବାର ପୁଲିସ୍ ସୂଚନା ଦେଇଥିଲେ। ଏହିପରି ଭାବେ ଜାରକା ଅ ଳରେ ଘରେ କେହି ନଥିଲେ ଝରକା ଗ୍ରିଲ୍ ତାଡ଼ି ଉକ୍ତ ଚୋରଦଳ ବାରମ୍ବାର ଲୁଟ୍‌ପାଟ୍ କରୁଥିଲେ ହେଁ, ପୁଲିସ୍ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରୁନାହିଁ। ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅ ଳବାସୀ ଦାବି କରିଛନ୍ତି।

# ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରାୟୋଜିତ : କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରୟୋଜିତ କହିଲା କଂଗ୍ରେସ। ଏଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି। ଏହି ବିବାଦକୁ ଏଡ଼ାଇବାକୁ ଚୁଲି ଭଙ୍ଗାଯାଇଛି। ଖନନ ନେଇ ଶାସକ ଦଳ ଲୋକସଭାରୁ ବିଧାନସଭା ଯାଏ ଅଡୁଆରେ ପଡ଼ିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୋଲିସ ଡିଜି ଓ ମୁଖ୍ୟ ପ୍ରଶାସକ, ଯେଉଁଭଳି ଭାବେ ଶ୍ରୀମନ୍ଦିର ଗସ୍ତ କରିଥିଲେ ସେହି ତତ୍ପରତା ଦେଖାଇ ରୋଷଘରର ରକ୍ଷଣାବେକ୍ଷଣ ଦାୟିତ୍ୱ ଯଦି ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟିନଥାନ୍ତା। ପୋଲିସ ଡିଜିଙ୍କ ଗସ୍ତ କେବଳ ଲୋକଦେଖାଣିଆ। ସରକାର ଏଥିପ୍ରତି ଉଦାସୀନ। ଏହି ପ୍ରସଙ୍ଗକୁ ଯେଉଁ ଭଳି ଭାବେ ଗମ୍ଭୀରତାର ସହ ନେବା କଥା, ତାକୁ ନେଇନାହାନ୍ତି। ଚୋର ଚୋରିକରି ଧନ ନେବାପରେ ଖୋଜିବା ଯାହା, ପୋଲିସ ଖୋଜିବା ସହ ତାହା ସମାନ। ସେ କହିଛନ୍ତି ଯେ ଜଗନ୍ନାଥ ହେରିଟେଜ୍ କରିଡ଼ର ଖନନ ବାବଦରେ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି। ବିଧାନସଭାଠୁ ସଂସଦ ଯାଏ ଅପଦସ୍ତ ହୋଇଛନ୍ତି। ବିଧାନସଭାରେ ଭୁଲ ଉତର ରଖିଛନ୍ତି ରାଜ୍ୟ ସରକାର। ତାଙ୍କର ସାଂସଦ ମଧ୍ୟ ଲୋକସଭାରେ ଭୁଲ ଉତର ରଖିଛନ୍ତି। ସାରା ରାଜ୍ୟରେ ସରକାରୀ ବାବୁ, ସରକାରୀ ସାଂସଦ, ବିଧାୟକ ଓ ସରକାର ଜନମାନସରେ ନିନ୍ଦିତ ହେଲେ। ଏପରିକି ଜଣେ ସରକାରୀ ଦଳର ସାଂସଦ ଲୋକସଭାରେ ବିବୃତି ଦେବାପରେ ବାହାରେ ଗଣମାଧ୍ୟମରେ ନିଜର ସଫେଇ ରଖିଲେ। ସେଥିପାଇଁ ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି।


# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା (ପିଏନ)- ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପରାମର୍ଶ କ୍ରମେ ସ୍ଥାନୀୟ ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଏକ ୮ ଦିନିଆ ଆତ୍ମରକ୍ଷା ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ ସୁନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସୁଲେଖିକା ତଥା ଶିକ୍ଷୟିତ୍ରୀ ଉଷା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକା ମାନେ ଆତ୍ମବିଶ୍ୱାସ ଓ ନିର୍ଭୟର ସହ କାର୍ଯ୍ୟକଲେ ବାହ୍ୟ ଓ ଆଭ୍ୟନ୍ତରିଣ ପ୍ରତିବନ୍ଧକକୁ ମୁକାବିଲା କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧ୍ୟାପିକା ରମାରାଣୀ ସିକ୍‌ଦାର ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଦେବାସହ ନାରୀ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ବୋଲି ମତ ଦେଇଥିଲେ। ଏଥିରେ ପ୍ରଶିକ୍ଷିକା ପୁଷ୍ପାଳି ବଳିୟାରସିଂହ ଓ ରିତା ପଶ୍ଚିମକବାଟ ପ୍ରଶିକ୍ଷାର୍ଥୀମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ କଳା ଓ କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ହେମନ୍ତ ମହାପାତ୍ର, ପ୍ରାଧ୍ୟାପିକା ଡ଼ଃ ସଂଯୁକ୍ତା ମିଶ୍ର, ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ, ଛବିରାଣୀ ସାହୁ, ଲିପିକା ପ୍ରିୟଦର୍ଶିନୀ ଓ କ୍ରୀଡ଼ା ଶିକ୍ଷକ ଭ କିଶୋର ଯତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ଜୟପ୍ରଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନୀଳଗିରିରେ ସାମ୍ବାଦିକଙ୍କୁ ଆକ୍ରମଣର ନିନ୍ଦା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଯାଜପୁର (ପିଏନ୍) : ବାଲେଶ୍ୱର ଜିଲ୍ଲା ନୀଳଗିରି ଅ ଳର ଜଣେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଦଳେଇଙ୍କ ପ୍ରତି ପୋଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖା ପକ୍ଷରୁ ଉକ୍ତ ଘଟଣାକୁ ନିନ୍ଦା କରାଯାଇଛି। ଏଥିନେଇ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକଙ୍କ ଜରିଆରେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ଦଳେଇଙ୍କୁ ପୋଲିସର ମାଡ଼ ସହିତ ଚିକିତ୍ସା ସମୟରେ ତାଙ୍କ ଗୋଡ଼ରେ ବେଡ଼ି ପକାଇ ଅମାନୁଷିକ ଭାବେ ନିର୍ଯ୍ୟାତନା ଦେବା ଘଟଣାକୁ ବିରୋଧ କରି ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ପ୍ରଣୟନ କରିବାକୁ ଦାବି କରିଛନ୍ତି। ସଂଘ ସଭାପତିର ହରିହର ସ୍ୱାଇଁ ନେତୃତ୍ୱରେ ଉପ ସଭାପତି ବାଞ୍ଛାନିଧି ସାହୁ, କାର୍ଯ୍ୟକାରି ସଭାପତି ଅଭିମନ୍ୟୁ ମିଶ୍ର, ରାଜ୍ୟ କାର୍ଯ୍ୟ କାରି ସଭାପତି ହାରାଧନ ବାନାର୍ଜି, ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ରବିନାରାୟଣ କର, ପ୍ରଶାନ୍ତ କୁମାର ପାତ୍ର, ଦିବ୍ୟ କାନ୍ତ କର, ପଦ୍ମନାଭ ବୋଇତେଇ, ପବିତ୍ର ମହାନ୍ତି, ନିତ୍ୟାନନ୍ଦ ମହାଳିକ, ମନୋଜ କୁମାର ରଣା, ଜୟନ୍ତ ଗୋସ୍ୱାମୀ, କୃଷ୍ଣଚନ୍ଦ୍ର ନାଏକ, ସତ୍ୟବ୍ରତ ନାଏକ, ଭରତ ନାଏକ, ଅଜୟ ଭୂଇଁଆ, ରାଜକିଶୋର ପଣ୍ଡା, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍‌ଏନ୍‌ସିୟୁରେ ଗତ ୮ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭଂଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି। ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି. ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ

Bhubaneswar Thursday June 20, 2024 ଭୁବନେଶ୍ୱର ଗୁରୁବାର, ଜୁନ ୨୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧ ୦ ଟାଙ୍କିଆ କଏନ ଗଜପତିରେ ଅଚଳ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା )(ପି.ଏନ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋଟ ୭ ଗୋଟି ବ୍ଲକ ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ, ଗୋଷଣୀ, ଗୁମ୍ମା, କାଶୀନଗର ଆଦି ଅଞ୍ଚଳରେ ଚାଲୁ ନାହିଁ ଦଶଟଙ୍କିଆ କଏନ୍ । ଏଭଳି ସ୍ଥିତି ପାଇଁ ଦାୟୀ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିବର୍ଷ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଦଶଟଙ୍କିଆ ଓ କୋଡ଼ିଏ ଟଙ୍କିଆ କଏନ୍ ବଜାରକୁ ଛଡ଼ାଯାଇଛି। ସବୁଠି ଏହା ଚାଲୁଥିବା ବେଳେ ପାରଳାଖେମୁଣ୍ଡି ସହରରେ କାହିଁକି ଚଳୁନାହିଁ ବୋଲି ସାଧାରଣରେ ପ୍ରଶ୍ନ କରାଯାଇ ଲୋକେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା କହିଛନ୍ତି ଯେ, ବ୍ୟବସାୟୀଙ୍କ ଯୋଗୁଁ ହିଁ ୧୦ ଟାଙ୍କିଆ କଏନ ଗଜପତିରେ ଚଳୁନାହିଁ. ହେଲେ ଯେତେବେଳେ ବ୍ୟାଙ୍କକୁ ନେଇକି ଯାଉଛୁ, ସେତେବେଳେ ବ୍ୟାଙ୍କର କର୍ମଚାରୀମାନେ ଭିଡ଼ ମଧ୍ୟରେ କଏନ ଗଣିବା ଓ ଆକାଉଣ୍ଟରେ ଜମା ରଖିବାକୁ ସମୟ ପାଉନଥିବାରୁ ମନା କରୁଛନ୍ତି। ଫଳରେ, ଦୋକାନୀମାନେ ବି ଗ୍ରାହକଙ୍କ ଠାରୁ ବିନିମୟରେ କଏନ ନେବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ଏପଟେ, ପ୍ରତ୍ୟେକ ବ୍ୟବସାୟୀ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ କଏନ୍ ମହଜୁଦ୍ ରଖିଛନ୍ତି, ତାକୁ ସାରିବାକୁ କଷ୍ଟ ହେଉଛି। ବ୍ୟାଙ୍କ ଗ୍ରହଣ କଲେ ଆମେ ମଧ୍ୟ କଏନ୍ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏଣୁ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କଏନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଅନ୍ତୁ। ଫଳରେ, ସାଧାରଣ ଲୋକ ମଧ୍ୟ ବଜାରରେ ଏହାକୁ ପୂର୍ଣ୍ଣ ମାତ୍ରାରେ ବ୍ୟବହାର କରିପାରିବେ ଏବଂ କାହାରି କିଛି ଅସୁବିଧା ହେବ ନାହିଁ । ତେଣୁ, ପ୍ରଥମେ ବ୍ୟାଙ୍କ ଗ୍ରହଣ କରୁ, ତାପରେ ଦୋକାନୀ ଗ୍ରହଣ କରିବେ ବୋଲି ମତପ୍ରକାଶ ପାଇଛି।

# ପରିବେଶ ସୁରକ୍ଷା ପାଇଁ ରାଜ୍ୟ ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଙ୍କୁ ଭେଟିଲେ ଗ୍ରୀନ ପାରାଦ୍ୱୀପ ଟ୍ରଷ୍ଟର ସଦସ୍ୟ



ପାରାଦ୍ୱୀପ,(ପି.ଏନ): ପାରାଦ୍ୱୀପ ବିଧାନସଭା ଆସନରେ ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଙ୍କ ଐତିହାସିକ ବିଜୟ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଭାବେ ଅବସ୍ଥାପିତ ହେବା ପରେ ସମଗ୍ର ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଆନନ୍ଦ ଖେଳିବା ସହିତ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିବାରେ ଲାଗିଛି କ୍ଷ ତେବେ ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ଗଠିତ ପରିବେଶ ଧର୍ମୀ ସଂଗଠନ ଗ୍ରୀନ ପାରାଦ୍ୱୀପ ଟ୍ରଷ୍ଟ ପକ୍ଷରୁ ସୋମବାର ଦିନ ପାରାଦ୍ୱୀପ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ସମ୍ପଦ ଙ୍କୁ ଅଭିନନ୍ଦନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟ ର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ରବୀନ୍ଦ୍ର ଜେନା, ରାକେଶ ପଟ୍ଟନାୟକ, ନାରାୟଣ ବେହେରା ପ୍ରଶାନ୍ତ ସ୍ୱାଇଁ, ସୁଧାଂଶୁ ନାୟକ ପ୍ରମୁଖ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ଉତ୍ତରୀୟ ସହ ପରିବେଶ ସୁରକ୍ଷା ସନ୍ଦେଶ ସୂଚକ ଏକ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଆଗାମୀ ଦିନରେ ପାରାଦ୍ୱୀପ ରେ ପରିବେଶ ସନ୍ତୁଳନ ସହ ଶିଳ୍ପ ର ଶୃଙ୍ଖଳିତ ଅଭିବୃଦ୍ଧି ଉପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭଦ୍ରକ,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଆନୁକୂଲ୍ୟରେ ଭଦ୍ରକ ବ୍ଲକର ଆମ୍ଭୋଳି ପଞ୍ଚାୟତରେ ମକରେଶ୍ୱର ନୋଡ଼ାଲ ସ୍କୁଲ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଜଜ୍ କୋର୍ଟର ବିଗ୍ ?ରପତି ବୃନ୍ଦ ଯୋଗଦେଇ ବୃକ୍ଷରୋପଣ କରି ପରିବେଶକୁ ସବୁଜମୟ କରିବା ପାଇଁ ବାର୍ତ୍ତା ଦେଇଥିଲେ । ନେହା ଅଗ୍ରୱାଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ।ସଚିବ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସଂଗେ ସଂଗେ ସମସ୍ତେ ବୃକ୍ଷଟିଏ ଲଗାଇ ତା'ର ଯତ୍ନ ନେବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ଅଧିକାରୀ, ପୋଲିସ୍ ବିଭାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅନ୍ୟ ଶିକ୍ଷକ, ପ୍ୟାନେଲ ଓକିଲ୍ ଗଣ, ଏଲ.ଏ.ଡ଼ି.ଏସ୍ ବିଭାଗର ଓକିଲ ବୃନ୍ଦ ତଥା ଜିଲ୍ଲା ଆଇନ ସେବା ପ୍ରାଧ ?କରଣର ସମସ୍ତ କର୍ମଚ୍ଛାରାଗଣ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ୪୬ତମ ରାଜ୍ୟ ସ୍ତରୀୟ ଅହମଦୀୟା ଯୁବ ସଂଗଠନର ବାର୍ଷିକ ଇଜତେମା ଉଦଘାଟିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସଜିଦ ପରିସରରେ ଅଲ୍-ଓଡ଼ିଶା ଅହମଦୀୟା ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦୀୟାର ୪୬ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜତେମା ଉଦଘାଟିତ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ଅଖିଳ ଭାରତ ଅହମଦୀୟା ଯୁବ ସଂଗଠନର ସଭାପତି ମୌଲାନା ଶମିମ ଅହମଦ ଘୋରୀ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ଅତାଉଲ ଶାଫି କରିଥିବା ବେଳେ ଯୁବ ସଂଗଠନର ଶପଥ ପାଠ ସଭାପତି କରାଇଥିଲେ । ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଶହୀଦମାନଙ୍କ ସ୍ମୃତିରେ ଇସହାକ ଅଲ୍ଲି ଉର୍ଦ୍ଦୁ ନଜମ ପଢି ଶୁଣାଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ଅମିରୁଦ୍ଦିନ ଖାଁ ଏବଂ ଜିଲ୍ଲା କଟକର ସଭାପତି ଅବ୍ଦୁଲ ମାଲିକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୌଲାନା ପ୍ରଭାରୀ ମିର ଅବ୍ଦୁଲ ହଫିଜ, ଇଷ୍ଟ ଇଣ୍ଡିଆ ଅହମଦୀୟା ଯୁବ ସଂଗଠନର ଉପସଭାପତି ସୟଦ ଅକିଲ ଅହମଦ, ବାଲେଶ୍ୱର ଜିଲ୍ଲା ଯୁବ ସଂଗଠନର ସଭାପତି ସିଦ୍ଦିକ ଖାଁ, ଭଦ୍ରକ ଜିଲ୍ଲା ଯୁବ ସଂଗଠନର ସଭାପତି ସୁଲତାନ ଅହମଦ, କଟକ ଜିଲ୍ଲା ଯୁବ ସଂଗଠନର ସଭାପତି ମହମ୍ମଦ ଶଫାକତ ଅଲ୍ଲି, ଖୋର୍ଦ୍ଧ ଓ ନୟାଗଡ଼ ଜିଲ୍ଲା ଯୁବ ସଂଗଠନର ସଭାପତି ତବରେଜ ଅହମଦ ତଥା ପୂର୍ବତନ ଯୁବ ସଂଗଠନର ସଭାପତି ଅଜିଜୁଲ୍ଲା ଖାଁ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତିତ୍ୱ ଭାଷଣରେ ମୌଲାନା ଶମିମ ଅହମଦ ଘୋରୀ କହିଲେ, ଯୁବ ଶକ୍ତି ଦେଶ ଓ ସମାଜର ସର୍ବବୃହତ ଶକ୍ତି । ଯୁବ ସୁଧାରରେ ହିଁ ସମାଜ ସୁଧାର ସମ୍ଭବ । ଶିକ୍ଷା ଓ ଜ୍ଞାନ ଆହରଣ ସହ ସଂସ୍କାର ଓ ଶିଷ୍ଟାଚାର ଶିଖିବା ନିହାତି ଆବଶ୍ୟକ । ଧୈର୍ଯ୍ୟ,ସହନଶୀଳତା,ସରଳତା, ସକାରତ୍ମକତା,ସଂଯମତା ତଥା ସମନ୍ୱୟତାର ଚରିତ୍ର ଗଠନ କରିବା ପାଇଁ ଅହମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ । ଏହି ବାର୍ଷିକ ଇଜତେମାରେ ଯୁବକମାନଙ୍କର ଖେଳ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ଫୁଟବଲ, ଭଲିବଲ, ବାଟୁଳି ଚାଳନା ଏବଂ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ପବିତ୍ର କୋରାନ ପାଠ ଓ ମୁଖସ୍ତ, ବକ୍ତୃତା, ଉର୍ଦ୍ଦୁ ଓ ଓଡ଼ିଆ ନଜମ, କୁଇଜ ଇତ୍ୟାଦି ଦୁଇ ଦିନ ଧରି ଚାଲୁ ରହିବ ବୋଲି ଇଜତେମା କମିଟିର ମୁଖ୍ୟ ସଚିବ ତବରେଜ ଅହମଦ ସୂଚନା ଦେଇଛନ୍ତି।

# ଗଜପତିରେ ଚାଷ କାର୍ଯ୍ୟ ପାଇଁ ଚାଷୀ ପ୍ରସ୍ତୁତ, ହେଲେ ଜଳସେଚନ ପାଇଁ କେନାଲ ସଫେଇରେ ଅନିଶ୍ଚିତତା ଚାଷ କାମ ହେବ କିପରି ?



ପାରଳାଖେମୁଣ୍ଡି, ୮/୬(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ଚାଷୀମାନେ ଚାଷ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି. ହେଲେ ଚାଷ ବେଉଷଣ ପାଇଁ ରହିଥିବା କେନାଲ ଗୁଡିକ ବର୍ତ୍ତମାନ ସୁଦ୍ଧା ସଫେଇ ହେଉନଥିବାରୁ ଚାଷ କାମ କେମିତି ଆରମ୍ଭ କରିବୁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି. ଚଳିତବର୍ଷ ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁସାରେ ଶୀଘ୍ର ମୌସୁମୀ ଆସିବାର ସମ୍ଭାବନା ରହିଛି । କୃଷକମାନେ ମଧ୍ୟ ଚାଷବାସ ପାଇଁ ଜମି ପ୍ରସ୍ତୁତ କରି ରଖିଲେଣି କିନ୍ତୁ, ଏଯାବତ୍ ଜଳସେଚନ ପାଇଁ ରହିଥିବା କେନାଲଗୁଡ଼ିକର ସଫେଇ ହୋଇ ନଥିବାରୁ ତାଙ୍କ ପାଖରେ ଜଳ କିଭଳି ପହଞ୍ଚିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି ।ଦକ୍ଷିଣ ଓଡ଼ିଶାର ଭାତହାଣ୍ଡି ଗଜପତି ଜିଲ୍ଲାର ଗୋଷାଣୀ, କାଶୀନଗର ବ୍ଲକ୍ ଏବଂ ପାରଳାଖେମୁଣ୍ଡି ଉପଖଣ୍ଡରେ ୩୫ ହଜାର ହେକ୍ଟର ଚାଷ ଜମି ଥିବା ବେଳେ ସେଥିରୁ ୨୯ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଛି ବୋଲି ଚାଷୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ପ୍ରଦାନ କରି କହିଛନ୍ତି ଯେ, ଏହି ଜମିଗୁଡ଼ିକ ମୌସୁମୀ ଆଗମନଜନିତ ବର୍ଷା ତଥା ବିଭିନ୍ନ କେନାଲର ପାଣି ଉପରେ ନିର୍ଭରଶୀଳ। ଏଣୁ, ପାରଳାଖେମୁଣ୍ଡି ହେଉ କି ଗଜପତି ଜିଲ୍ଲାର ଅନ୍ୟାନ୍ୟ ବ୍ଲକ, ଜଳସେଚନ ପାଇଁ ସୁବିଧା ପ୍ରଦାନ କରୁଥିବା ସାଗରଗୁଡ଼ିକ ଅବା ନଦୀବନ୍ଧ ଯୋଜନାରେ ନିର୍ମିତ ବଡ଼ବଡ଼ ପୋଖରୀ ସହ ସଂଯୁକ୍ତ ଥିବା କେନାଲଗୁଡ଼ିକ ହେଉ, ସେଗୁଡ଼ିକ ମେ ଓ ଜୁନ ମାସ ସୁଦ୍ଧା ସଫା ହେବା କଥା । ବର୍ଷା ପରେ ଶୀତ ଓ ଗ୍ରୀଷ୍ମରେ ବଢ଼ି ଉଠିଥିବା ଛୋଟବଡ଼ ଗଛ କାଟି ଜଳ ବହିଯିବା ପାଇଁ ପୂର୍ବପ୍ରସ୍ତୁତି କରିବା କଥା। କିନ୍ତୁ, ଚଳିତବର୍ଷ ରାଜ୍ୟ ସରକାରଙ୍କ ଠାରୁ ଆସିଥିବା ଅନୁଦାନରେ ୩ଟି ସାଗର ଖୋଳା କାର୍ଯ୍ୟ ଚାଲୁ ରହିଛି ଅଥଚ କେନାଲଗୁଡିକ ଆଜି ପର୍ଯ୍ୟନ୍ତ ସଫା ହୋଇ ପାରିଲା ନାହିଁ। ଯଦି ଆଗାମୀ ଦିନରେ ନିର୍ଦ୍ଧାରିତ ସମୟ ଅନୁସାରେ ମୌସୁମୀ ବର୍ଷା ହୁଏ, ତା'ହେଲେ ସାଗରରେ ପାଣି ରହିବା କିନ୍ତୁ, କେନାଲଗୁଡ଼ିକ ସଫା ନଥିବାରୁ ଚାଷୀଙ୍କ ଜମିରେ ପାଣି ପହଞ୍ଚିବା କଷ୍ଟସାଧ୍ୟ ହୋଇପଡ଼ିବ ବୋଲି କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଚଳିତବର୍ଷ ଅନୁଦାନ ଆସିନଥିବାରୁ ମରାମତି ହୋଇନାହିଁ। ନୂତନ ସରକାର ଗଠନ ପରେ କେନାଲ ସଫେଇ ସହ ମରାମତି କାମ ଆରମ୍ଭ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray